
ISSN No. : 2583-147X (P)


ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

# PRACHEE

ଅକ୍ଟୋବର ୨୦୨୩
ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ନବମ ବର୍ଷର ସପ୍ତମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓଁ 'ପ୍ରାଚୀ'ର କଲମ ୫ଠ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୂନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 9, October 2023, Issue No. VII
ISSN NO. 2583-147X (P)
RNI No. : ODIODI/2015/64435
P.R. No. : CK(C)/96/2022-2024

**ଉପଦେଷ୍ଟା ମଣ୍ଡଳୀ**
**ଡକ୍ଟର ପାବକ କାନୁନ୍‌ଗୋ**
**ଡକ୍ଟର ମନ୍ଦାକିନୀ ଦାସ**
**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
**ସମୀକ୍ଷକ ମଣ୍ଡଳୀ**
**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଶରତ କୁମାର ପଲିତା**
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ସଂପାଦକ**
**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**
**ସମ୍ପାଦନା ସହଯୋଗୀ :**
**ପ୍ରାଚୀ ପ୍ରଯୁକ୍ତା**
**ସଂପାଦନା ମଣ୍ଡଳୀ**
**ଡକ୍ଟର ନାରାୟଣ ମହାନ୍ତି**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
**ଡକ୍ଟର ଆଦିତ୍ୟ ପ୍ରତାପ ଧଳ**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଆଲୋକ ବରାଳ**
ମୁଖ୍ୟ, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସିମୁଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**
ବିତରଣ ଅଧିକାରୀ :
**ରାଜେନ୍ଦ୍ର ବାରିକ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

# ଏଇ ସଂଖ୍ୟାରେ...

ଉତ୍ତର ଅଶୀ ଓଡ଼ିଆ କବିତାରେ ଦଳିତ ସ୍ୱର

– ଡକ୍ଟର ପ୍ରଦୋଶ କୁମାର ସ୍ୱାଇଁ ୦୭

ପ୍ଲାଟୋଙ୍କ ଆଦର୍ଶବାଦ

– ଡକ୍ଟର ଶରତ କୁମାର ଜେନା ୧୪

ଊନବିଂଶ ଶତାବ୍ଦୀର ପତ୍ର-ପତ୍ରିକାରେ ଫକୀରମୋହନ

– ଡକ୍ଟର ଅରବିନ୍ଦ ଦାସ ୧୮

ପରମ୍ପରା ଓ ଆଧୁନିକତାର ମାନଦଣ୍ଡରେ 'ପାଟଦେଈ'

– ଡକ୍ଟର ପ୍ରମିଳା ପାଟ୍ଟୁଳିଆ ୨୫

ଇତିହାସ ଓ ସାହିତ୍ୟ

– ଜ୍ଞାନୀ ଦେବାଶିଷ ମିଶ୍ର ୨୯

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

## ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- "ପ୍ରାଚୀ" ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- "ପ୍ରାଚୀ" ଯୁବପୀଢ଼ିଙ୍କର ଗବେଷଣାକୁ ଏକ ଉଚ୍ଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସରଞ୍ଜନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ଏହି ପତ୍ରିକାରେ ମଧ୍ୟ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । **ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା ............................................................ ପିନ୍‌କୋର୍ଡ଼ ...............................

ମୋବାଇଲ୍ ନମ୍ବର ............................................ ଇ-ମେଲ୍ ..........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................. ତାରିଖ.....................................

ବ୍ୟାଙ୍କ୍........................................... ସ୍ଥାନ..........................................................

ତାରିଖ......................................... ଦସ୍ତଖତ.........................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

ISSN -2583-147X (P), Vol.- 9, Issue No.VII, October 2023
Bastabatara Pariprakash Prachee
*Peer Reviewed and Referred Research Journal*

# ଉତ୍ତର ଅଶୀ ଓଡ଼ିଆ କବିତାରେ ଦଳିତ ସ୍ୱର

ଡକ୍ଟର ପ୍ରଦୋଷ କୁମାର ସ୍ୱାଇଁ

ଗତ ଶତକର ଅଶୀ ଦଶନ୍ଧି ଓଡ଼ିଆ ସାହିତ୍ୟ ପାଇଁ ଏକ ସନ୍ଧିକ୍ଷଣର କାଳ । ବିଶେଷକରି ଓଡ଼ିଆ କବିତା ପ୍ରଚଳିତ ଧାରାରୁ ଝଡ଼ାଝଡ଼ି ହୋଇ ଧୀରେ ଧୀରେ ଏକ ନୂଆ ଘଟ ଧାରଣ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି । ପାଶ୍ଚାତ୍ୟ ଚିନ୍ତା-ଚେତନା, ଦୃଷ୍ଟି-ଦର୍ଶନ ତଥା ମତବାଦକୁ ନେଇ ଉତ୍ତର ପଚାଶ କାଳରେ ଆରମ୍ଭ ହୋଇଥିବା ପରୀକ୍ଷାନିରୀକ୍ଷା ପ୍ରତି ଉତ୍ତର ଅଶୀ କବିକୂଳ ବୀତସ୍ପୃହ ହୋଇଉଠିଛି । ସେ ଚାହିଁଛି କିଛି ନୂଆ ଓ ଭିନ୍ନସ୍ୱାଦର କବିତା । ଯେଉଁଥିରେ ଥିବ ଆପଣା ମାଟିର ବାସ୍ନା ଆଉ ନିଜ ମଣିଷମାନଙ୍କ କଅଁଳ ସ୍ପର୍ଶ । କବି ତେଣୁ ଅନ୍ତର୍ଜାତୀୟ ଭୂମିରୁ ଓହ୍ଲାଇଆସିଛି ନିଜ ଆଖପାଖର ଆଞ୍ଚଳିକ ଭୂମିକୁ; ସୁତରାଂ କବିତାର ଭାବଭୂମିକୁ ଦଖଲ କରିଛି ଆପଣା ଅଞ୍ଚଳର ସମସ୍ୟା ଓ ସଂକଟ । ପରିଚିତ ମଣିଷମାନେ ଜୀବନ ଜୀଇଁବାପାଇଁ ପ୍ରତିମୁହୂର୍ତ୍ତରେ କିଭଳି ସଂଘର୍ଷ କରୁଛନ୍ତି ସେସବୁ ଚିତ୍ର କବିପ୍ରାଣକୁ ଆଲୋଡ଼ିତ କରିଛି । 'ଳତଃ କବି ଲେଖନୀ ସୃଷ୍ଟି କରିଛି ରାଶିରାଶି ଜୀବନନିଷ୍ଠ କବିତା । ସ୍ୱାଧୀନତା ପୂର୍ବରୁ କବି ସଚ୍ଚିଦାନନ୍ଦ ଖଟିଖିଆ, ମୂଲିଆ ଓ ସର୍ବହରା ଲୋକଙ୍କ ଜୀବନଚିତ୍ରକୁ କବିତା ଛାତିରେ ତୋଳିଧରି ଯେଉଁ ସମାଜ ପରିବର୍ତ୍ତନର ଶଙ୍ଖ ବଜାଇଥିଲେ, ଅଶୀ ଦଶନ୍ଧି ବେଳକୁ ସେହି ସ୍ୱର ଆହୁରି ବ୍ୟାପକ ଓ ପ୍ରଖର ହୋଇଛି । ଆଜିର ସମାଜ ବ୍ୟବସ୍ଥାରେ ଅନୁନ୍ନତ ଓ ଅବହେଳିତ ହୋଇ ରହିଯାଇଥିବା ସାଧାରଣ ଜନତାଙ୍କ ଦୁଃଖ ଦୈନ୍ୟପୂର୍ଣ୍ଣ ଜୀବନ କାହାଣୀ ପ୍ରତି ସଂଶିତ କାଳର କବିକୁଳ ଅଧିକ ସମ୍ବେଦନଶୀଳ ହୋଇ ଉଠିଛନ୍ତି । ସୁତରାଂ ସୃଷ୍ଟି ହୋଇଛି ରାଶି ରାଶି ତଥାକଥିତ ଦଳିତ ଚେତନାଧର୍ମୀ କବିତା ।

ଉତ୍ତର-ଅଶୀ କବିତାରେ ଅନୁନ୍ନତ ସଂପ୍ରଦାୟର (ଦଳିତ) ମଣିଷର ଜୀବନ ଚିତ୍ର କିଭଳି ପ୍ରତିଫଳିତ, ଏହି ପ୍ରସଙ୍ଗରେ ଆଲୋଚନା କରିବା ପୂର୍ବରୁ ପ୍ରଥମେ ଅନୁନ୍ନତ (ଦଳିତ) ସଂପ୍ରଦାୟ କ'ଣ ସେହି ସଂପର୍କରେ ସାମାନ୍ୟ ଆଲୋଚନା ଏକାନ୍ତ ଅପରିହାର୍ଯ୍ୟ ମନେହୁଏ । ପ୍ରଥମତଃ ଆମ ମନରେ ସ୍ୱତଃ ପ୍ରଶ୍ନଉଠେ ଅନୁନ୍ନତ ଓ ଦଳିତ ଏହି ଉଭୟ କ'ଣ ସମପର୍ଯ୍ୟାୟବାଚୀ ଶବ୍ଦ, ନା ଜାତି ସହିତ ଅର୍ଥନୀତିଗତ ବିଚାର ବିମର୍ଶ । ସଂପ୍ରତି ରାଜନୈତିକ ଦୃଷ୍ଟିକୋଣରୁ ଯେଉଁ 'ଦଳିତ ପ୍ରସଙ୍ଗ' ଚର୍ଚ୍ଚିତ ହେଉଛି ଅନୁନ୍ନତ ସଂପ୍ରଦାୟର ଏହା ସହିତ ସଂପର୍କ କେତେ, ଏସବୁ ଦୃଷ୍ଟିରୁ ଆମକୁ ଚିନ୍ତା କରିବାକୁ ହେବ ଓ ଅନୁନ୍ନତ ସଂପ୍ରଦାୟ ସଂପର୍କରେ ସ୍ପଷ୍ଟ ଧାରଣା ହୋଇଗଲେ ହେଁ କବିତାରେ ତାହାର ଚିତ୍ର ଓ ଚିତ୍ରାୟନ କିପରି ହୋଇଛି ତାହା ଆଲୋଚନା କରିବାକୁ ସୁବିଧା ହେବ । ଅନୁନ୍ନତ ବର୍ଗ ବା ଶ୍ରେଣୀ କହିଲେ ତାହା ଏକମାତ୍ର ଜାତିଗତ ଅନୁନ୍ନତ ସଂପ୍ରଦାୟକୁ ନ ବୁଝାଇ ସମଗ୍ର ଭାବରେ ଆର୍ଥନୀତିକ ଧରାତଳର ନିମ୍ନରେ ଥିବା ଶୋଷିତ ବା ଦଳିତ ବର୍ଗକୁ ବୁଝାଏ । ଏହି ବର୍ଗରେ ହୁଏତ ଅନୁନ୍ନତ ସଂପ୍ରଦାୟ ଅଛନ୍ତି; ଅଛନ୍ତି ମଧ୍ୟ ଜାତିଗତ ବା ବର୍ଣ୍ଣଗତ ଦୃଷ୍ଟିରୁ ଉଚ୍ଚବର୍ଗର ମଣିଷମାନେ । ଜାତି ଓ ବର୍ଣ୍ଣ ଦୃଷ୍ଟିରୁ ଏମାନେ ମଧ୍ୟ ବଞ୍ଚିତ ଓ ଅବହେଳିତ; କିନ୍ତୁ ସେଥିରେ ଯେତେବେଳେ ସଂପ୍ରଦାୟ ଶବ୍ଦଟି ଯୋଡ଼ି ହୋଇଯାଏ ତାହା ଏକ ନିର୍ଦ୍ଦିଷ୍ଟ ଜାତି ବା ବର୍ଣ୍ଣର ଜନସାଧାରଣଙ୍କୁ ବୁଝାଇଥାଏ । ପ୍ରକୃତ ପକ୍ଷେ ଅନୁନ୍ନତ କେଉଁମାନେ, ଯେଉଁମାନେ ବର୍ଷ ବର୍ଷ ଧରି ଅର୍ଥନୈତିକ ଦୃଷ୍ଟିରୁ ବଞ୍ଚିତ ବା ଅବହେଳିତ ତଥା ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରି ନାହାନ୍ତି । ଯଥାର୍ଥରେ ସେମାନଙ୍କୁ ହିଁ ଅନୁନ୍ନତ ଶ୍ରେଣୀ ଅନ୍ତର୍ଗତ କରାଯାଇଥାଏ । ଅପର ପକ୍ଷରେ ଦଳିତ ପ୍ରସଙ୍ଗ କେବଳ ଅର୍ଥନୈତିକ ଦୃଷ୍ଟିରୁ ଅନୁନ୍ନତ ଶ୍ରେଣୀକୁ ବୁଝାଏ ନାହିଁ । ବର୍ଷବର୍ଷ ଧରି ହିନ୍ଦୁଧର୍ମରେ ରହିଥିବା ଜାତିଗତ

ବୈଷମ୍ୟ ଅସ୍ପୃଶ୍ୟତା ସର୍ବୋପରି ଉଚ୍ଚବର୍ଗର ମଣିଷମାନଙ୍କ ଶୋଷଣ ଓ ପୀଡ଼ନର କଳୁଷିତ ଭୂମିରୁ ଏହାର ଜନ୍ମ । 'ଦଳିତ' ଶବ୍ଦଟି ସଂସ୍କୃତ ଭାଷାରୁ ଗୃହୀତ ଯାହାର ଅର୍ଥ ଦଳ, ଦମନ କରିବା, ଶୋଷଣ କରିବା, ଦବାଇ ଦେବା । ଭାରତରେ ଏହି ଦଳିତ ଶବ୍ଦର ପ୍ରଥମ ବ୍ୟବହାର ମହାରାଷ୍ଟ୍ରର ବିଶିଷ୍ଟ ସମାଜ ସଂସ୍କାରକ ଜ୍ୟୋତିରାଓ ଫୁଲେ କରିଥିଲେ । ପରବର୍ତ୍ତୀ ସମୟରେ ମହାତ୍ମାଗାନ୍ଧିଙ୍କର ହରିଜନ ଆନ୍ଦୋଳନ ଓ ବାବାସାହେବ ଆମ୍ବେଦକରଙ୍କର ଦଳିତ ଆନ୍ଦୋଳନ ଦେଇ ସ୍ୱାଧୀନତା ପରବର୍ତ୍ତୀ କାଳରେ ଏହି ସ୍ୱର ଆହୁରି ବଳିଷ୍ଠ ହୋଇଛି । ବିଶେଷକରି ୧୯୫୦ ମସିହାରେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୪୧ ଓ ୩୪୨ ଅନୁଯାୟୀ ଜାତି ଓ ଅର୍ଥନୈତିକ ଦୃଷ୍ଟିରୁ ଅନଗ୍ରସର ଶ୍ରେଣୀକୁ ସାମ୍ବିଧାନିକ ସ୍ୱୀକୃତି ମିଳିବା ପରେ ଦଳିତ ମାନଙ୍କ ଆତ୍ମସମ୍ମାନ ଓ ଅଧିକାରକୁ ନେଇ ସୃଷ୍ଟି ହେଲା ବ୍ୟାପକ ସାମାଜିକ ସଚେତନତା । ଲେଖକମାନେ ମଧ୍ୟ ସମାଜ ପରିବର୍ତ୍ତନର ଏହି ମହତ କର୍ମରେ ଆପଣାକୁ ସାମିଲ କଲେ । ସୃଷ୍ଟି ହେଲା ବିପୁଳ ଦଳିତ ଚେତନାଧର୍ମୀ ସାହିତ୍ୟ । ଦଳିତ ସାହିତ୍ୟକୁ ନେଇ ଇତିମଧ୍ୟରେ ଅନେକ ଆଲୋଚନା ଓ ବିଚାରବିମର୍ଷ ହୋଇସାରିଛି । ତଥାପି କେଉଁ ସାହିତ୍ୟକୁ ଦଳିତ ସାହିତ୍ୟ ବୋଲି କୁହାଯିବ ତାହା ଆଜି ପର୍ଯ୍ୟନ୍ତ ଏକ ବିବାଦୀୟ ପ୍ରସଙ୍ଗ । କିଛି ଆଲୋଚକଙ୍କ ମତାନୁସାରେ ଦଳିତଙ୍କ ଉଦ୍ଦେଶ୍ୟରେ ରଚିତ ସାହିତ୍ୟକୁ ଦଳିତ ସାହିତ୍ୟ ଭାବେ ଗ୍ରହଣ କରିଥିବା ବେଳେ, ଅନ୍ୟ କିଛି ଆଲୋଚକ ଦଳିତମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ସାହିତ୍ୟକୁ ଦଳିତ ସାହିତ୍ୟ ଭାବେ ଗ୍ରହଣ କରିବା ଅଧିକ ଯୁକ୍ତିସଂଗତ ବୋଲି ମତପୋଷଣ କରନ୍ତି । ଏ ଧରଣର ସମୀକ୍ଷା ଦୃଷ୍ଟି ପର୍ଯ୍ୟାୟରେ ଏହି ତତ୍ତ୍ୱର ଶେଷ ସୂତ୍ର ଏବେ ସୁଦ୍ଧା ଅନିର୍ଦ୍ଧାରିତ । ପ୍ରକୃତ ପକ୍ଷେ ଦଳିତଙ୍କ ଉଦ୍ଧାର ତଥା ସେମାନଙ୍କ ଆତ୍ମସମ୍ମାନ ଓ ଅଧିକାର ନିମନ୍ତେ ଯେଉଁ ସାହିତ୍ୟ ସ୍ୱର ଉତ୍‌ଥାପନ କରିଛି ଅର୍ଥାତ୍ ଭାବଭାଷା ଦୃଷ୍ଟିରୁ ଦଳିତ କୈନ୍ଦ୍ରିକ ସାହିତ୍ୟକୁ ଦଳିତ ସାହିତ୍ୟ କହିବା ଅଧିକ ଯୁକ୍ତିସଂଗତ ମନେହୁଏ ।

ପୂର୍ବାପେକ୍ଷା ସମକାଳୀନ ଓଡ଼ିଆ କବିତାର ସମାଜ ସଂପୃକ୍ତି ଅଧିକ ସ୍ୱଷ୍ଟ ଓ ନିର୍ଦ୍ଦିଷ୍ଟ ମନେହୁଏ । ସମାଜରେ ଘଟୁଥିବା ଯେକୌଣସି ସାଧାରଣ ଘଟଣାକୁ ଆଜିର କବି ଖୁବ୍ ରସାଣିତ କରି ତୋଳି ଧରିବାର ସାମର୍ଥ ରଖେ । ସମାଜର ପରିବର୍ତ୍ତନ ସହ ତାଳଦେଇ କବିର ସର୍ଜ୍ଜନଶୀଳତା ସମାନ୍ତରାଳ ଭାବେ ଚାଲିଲେ ହିଁ, ସୃଷ୍ଟିର ସମାଜ ସଂପୃକ୍ତି ବୃଦ୍ଧି ପାଏ । ଗତ ଶତକର ଅଶୀଦଶନ୍ଧି ପରବର୍ତ୍ତୀ ଭାରତୀୟ ସମାଜରେ ଯେଉଁ ଦୃଢ଼ ପରିବର୍ତ୍ତନ ସଂଗଠିତ ହୋଇଛି, ତାହା କେବଳ ଯେ ଭାରତୀୟମାନଙ୍କ ସାମାଜିକ ଜୀବନଶୈଳୀକୁ ପ୍ରଭାବିତ କରିଛି ତାହା ନୁହେଁ, ଅଧିକନ୍ତୁ ରାଜନୈତିକ, ଅର୍ଥନୈତିକ ତଥା ସାଂସ୍କୃତିକ ଜୀବନଚର୍ଯ୍ୟାରେ ମଧ୍ୟ ଆଣିଛି ଅସାଣିତ ପରିବର୍ତ୍ତନ । ଏହି ପରିବର୍ତ୍ତନର ସ୍ଥୁଳନ୍ୟାସ ଯେତିକି ଗୁରୁତ୍ୱପୂର୍ଣ୍ଣ, ସୂକ୍ଷ୍ମ ଅବବୋଧଭିତ୍ତିକ ପରିବର୍ତ୍ତନଟି ସେତିକି ସ୍ପର୍ଶକାତର । ସର୍ଜନଶୀଳତା ନିଜର ସମସ୍ତ ପାରଂପରିକ କଳାକୁଳୀନତାକୁ ପରିହାର କରି ଏକ ନୂତନ ସାଂସ୍କୃତିକ ବିବିଧତାକୁ ଧାରଣ କରିଛି । ଏହି ପରିବର୍ତ୍ତିତ ନୂତନ ବ୍ୟବସ୍ଥାଟି ଆମର ଅର୍ଥ-ସାମାଜିକ ଓ ଅର୍ଥ-ରାଜନୈତିକ ସମୀକରଣରୁ ସୃଷ୍ଟି ହୋଇଛି । ଏହି ସାମାଜିକ ପରିବର୍ତ୍ତନରେ ଦଳିତ ଚେତନା, ଦଳିତ ଚିନ୍ତାଧାରାର ପ୍ରଭାବ କ୍ରମଶଃ ଦଳିତ ସଂପ୍ରଦାୟର ବାସ୍ତବ ଜୀବନ ଚିତ୍ରକୁ ଉପସ୍ଥାପନ କରିବାକୁ ପ୍ରୟାସ କରିଛି । ସମକାଳୀନ ପାଣିପାଗ ଯେତିକି ମହୁମୁହାଁ ସେତିକି ଲୁହମୟ । ଏଠି ଯେତିକି ସବୁଜ ବୈରାଗ୍ୟର ହରିବୋଲ ଶୁଭେ, ସେତିକି ଶୁଭେ କ୍ଷୁଧାର ଓଁକାର । ପଲ୍ଲୀଠାରୁ ନଗର ଯାଏ ସାଂପ୍ରତିକ ମଣିଷର ଏହି ସଂଘାତ ଓ ସଂଘର୍ଷ ପ୍ରତି ଆଜିର କବି ବେଶ୍ ସଚେତନ, ବର୍ତ୍ତମାନର ବର୍ତ୍ତମାନତା ଏମାନଙ୍କ କବିତାରେ ବିଶ୍ୱସ୍ତ ଭାବେ ସ୍ପନ୍ଦିତ । ସିଧାସଳଖ ଫ୍ରଏଡ଼ୀୟ, ଲେଖନୀୟ କିମ୍ବା ମାର୍କ୍ସବାଦୀ ଚେତନା ଦ୍ୱାରା ଏମାନେ ଉଦ୍‌ବୁଦ୍ଧ ହୋଇନାହାନ୍ତି । ଏହି କବିମାନେ ନିଜ ମାଟି, ପାଣି, ପବନ ଓ ଆକାଶର କଥା କହୁଛନ୍ତି । ହାତ ପାଆନ୍ତାରେ ଘଟଣା ଦୁର୍ଘଟଣାକୁ ନିଜ ବାଗରେ କହୁଛନ୍ତି । କୌଣସି ଥିମ୍ ପ୍ରତି ଏମାନଙ୍କର ଅହେତୁକ ମୋହ ନାହିଁ । ଜୀବନର ନିହାତି ମାମୁଲି ଉପେକ୍ଷିତ ଘଟଣା ଭିତରେ ଛପି ରହିଥିବା ଚରିତ୍ରମାନଙ୍କୁ ଖୋଜିବା ଲାଗି ବ୍ୟାକୁଳତା ଲକ୍ଷ୍ୟ କରାଯାଏ । ବିଷୟ ଚୟନ କ୍ଷେତ୍ରରେ ସୀମାହୀନ ଓ ଦୈନନ୍ଦିନ ବ୍ୟାପାରଠୁ ଆଦୌ ଦୂରବର୍ତ୍ତୀ ନୁହନ୍ତି । ବିଶେଷକରି ଯେଉଁ କବିମାନେ ବାମପନ୍ଥୀ ବିଚାରଧାରା ସହିତ ଅନୁରକ୍ତ ସେମାନେ ଜନବାଦୀ, ପ୍ରଗତିଶୀଳଧର୍ମୀ ଓ ଦଳିତ ସାହିତ୍ୟ ସୃଷ୍ଟିରେ ନିଜକୁ ମନୋନିବେଶ କରି ରଖିଛନ୍ତି । ଏହି ଲେଖକଙ୍କ ଲକ୍ଷଣୀୟ ଦିଗ ହେଲା ଏମାନେ ସମାଜକର୍ମୀ ଭାବେ ନିଜକୁ ଅଧିକ ପରିଚୟ ଦେଇଛନ୍ତି ଓ ସାମାଜିକ ଅଙ୍ଗୀକାରବଦ୍ଧତାର ପ୍ରସଙ୍ଗ ଉଠାଇ ଜନଗଣ ତଥା ବଞ୍ଚିତ, ଉପେକ୍ଷିତଙ୍କ କଥା କହୁଛନ୍ତି ।

ଯୁଗଯୁଗ ଧରି ଦଳିତମାନେ ଉଚ୍ଚବର୍ଗଙ୍କ ଦ୍ୱାରା ଯେପରି ଉପେକ୍ଷିତ ହୋଇଆସୁଛନ୍ତି ତାହା କବି ହୃଦୟ ସହ୍ୟ କରିପାରି ନାହିଁ । ପରିବର୍ତ୍ତନଶୀଳ ସାମାଜିକ ପରିବେଶ ମଧ୍ୟରେ ଆଜି

ଦଳିତର ମୁକ୍ତି ଏକ ଯୁଗାନ୍ତକାରୀ ଆହ୍ୱାନ ସୃଷ୍ଟି କରିଅଛି । ବିଚିତ୍ରାନନ୍ଦ ନାୟକ ତାଙ୍କ 'ମୁକ୍ତି' କବିତାରେ ସେହି ଚିରାଚରିତ ପ୍ରଥାକୁ ଭାଙ୍ଗି ଦେବାକୁ ଇଚ୍ଛା କରିଛନ୍ତି । ତାଙ୍କ ଭାଷାରେ-

"ଘର୍ମାକ୍ତ ଦଳିତ କରୁକେ ନେଲାରେ ସେବା ତରବାରୀ,
ଘର୍ମାକ୍ତ ଦଳିତ ଦିନେ ବନ୍ଧ ହାତେ
ଭାଙ୍ଗିଦେବ ପୃଥିବୀର ଜାଲ ଜୁଆଚୋରୀ ।"

ପୁନଶ୍ଚ କବିପ୍ରାଣ ବର୍ଷବର୍ଷ ଧରି ଉଚ୍ଚବର୍ଗ ଦ୍ୱାରା ଶୋଷିତ ଓ ଅବହେଳିତ ହୋଇ ଆସିଥିବା ନିଷ୍ପେସିତ ଜନତାଙ୍କ ଶୋଷକମାନଙ୍କ ନିମିତ୍ତ ଯେଉଁ ମର୍ମବାଣୀ ସ୍ୱତଃ ଝରିଆସେ ସେହି ଭାବକୁ କବି ଶ୍ରୀ ନାୟକ 'ନିଷ୍ପେସିତ' କବିତାରେ ନିମ୍ନମତେ ତୋଳି ଧରିଛନ୍ତି ।

"ମୋ କବିତା ଦଳିତ ଜନର
ତୁମେ ମୋତେ ଶୋଷି ଶୋଷି
ଭାଷା ଭାବ ଲୁଟିଲ ସଂପ୍ରତି
ରକ୍ଷକ ନାମରେ ତୁମେ ଜାରଜ ଭକ୍ଷକ ।"

(ନିଷ୍ପେସିତର କବିତା)

ସାଂପ୍ରତିକ ସମାଜ ବ୍ୟବସ୍ଥା ମଧ୍ୟରେ ଜୀବନ ଅତିବାହିତ କରୁଥିବା ସମାଜର ସେହି ପଛୁଆ ବର୍ଗର ମଣିଷମାନଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟାରେ ସମ୍ମୁଖୀନ ହୋଇଥିବା ବିଭିନ୍ନ ସାମାଜିକ ଲାଞ୍ଛନାର ମାର୍ମିକ ଚିତ୍ର ସଂଶିତ କାଳରେ ପ୍ରତିଷ୍ଠା ଅର୍ଜନ କରିଥିବା କବି ହୃଷିକେଶ ମଲ୍ଲିକଙ୍କ 'ଧାନ ସାଉଁଟା ଝିଅ' ଓ 'ଉଜୁଡ଼ା କ୍ଷେତର ଗୀତ' ଭଳି ସଂକଳନସ୍ଥ କବିତାଗୁଡ଼ିକରେ ଏହି ଭାବ ଅଧିକ ଶାଣିତ ଓ ପ୍ରାଞ୍ଜଳ ମନେହୁଏ ।

"ଗୋଡ଼ କଚାଡ଼ନାରେ, ଝିଅ ଅଳତା ଘେନିବା ମନା ତୋତେ
ଲୁହ ଝରାନାରେ ଝିଅ କଜଳ ଘେନିବା ମନା ତୋତେ ।"

ଜାତି ପ୍ରଥାର ଏହି ସମାଜରେ ଘୃଣିତ ଆତ୍ମାର ବିସ୍ଫୋରଣ ରୂପାୟିତ ହୋଇଛି 'ବସୁଷେଣ' କାବ୍ୟରେ । ଯୁଗେ ଯୁଗେ ଏହି ସଦ୍ୟ ସମାଜ ଆପଣା ସଂକୀର୍ଣ୍ଣ ସ୍ୱାର୍ଥରେ ବଶବର୍ତ୍ତୀ ହୋଇ ସୃଷ୍ଟି କରିଛି ପିତୃମାତୃ ପରିଚୟହୀନ ମଣିଷମାନଙ୍କୁ । ମହାଭାରତର କର୍ଣ୍ଣ ସେହିଭଳି ଜଣେ ଚରିତ୍ର ଯିଏ, ଜୀବିତାବସ୍ଥାରେ ଆପଣା ପରିଚୟ ପାଇଁ ଘୂରିଛି ପଚମାନ ସମାଜ ବ୍ୟବସ୍ଥା ମଧ୍ୟରେ । କେତେଦିନ ପର୍ଯ୍ୟନ୍ତ ଆପଣା ମାନସମ୍ମାନର ସୁରକ୍ଷା ପାଇଁ କୁମାରୀମାନେ ସନ୍ତାନ ଜନ୍ମରେ ଫିଙ୍ଗି ଦେଇଥିବେ କର୍ଣ୍ଣମାନଙ୍କୁ । ଆଉ ସେହି କର୍ଣ୍ଣମାନେ କେତେ ଦିନ ପର୍ଯ୍ୟନ୍ତ ସମାଜରେ ଲାଞ୍ଛନାକୁ ଭାଗ୍ୟକୁ ଆଦରି ସହି ଚାଲିଥିବେ । ସେଥିପାଇଁ କର୍ଣ୍ଣ କହେ-

"ଅପରିଣିତା ମାଆର ଜଠରରୁ
ମୃଦୁ ହିଲ୍ଲୋଳରେ ଖସି ପଡ଼ିଥିବା ସଦ୍ୟ ମଲ୍ଲୀପରି
ଯୁଗ ଯୁଗାନ୍ତରରୁ ଜନ୍ମ ନେଇ ସାରିଥିବା ଓ ଜନ୍ମ ନେବାକୁ
କୋଟି କୋଟି ହତଭାଗ୍ୟଙ୍କର ମୁଁ ନିଃସ୍ୱ ପ୍ରତିନିଧି ଥିବ ।"

ଦଳିତ ଭାବ ଚେତନାର କବି ପରୀକ୍ଷା ନିରୀକ୍ଷାର ହଟଚମଟ ଠାରୁ ନିଜକୁ ଦୂରରେ ରଖି ସାଧାରଣ ମଣିଷର କଥାକୁ ଆପଣା କବିତାରେ ଅକପଟ ଭାବେ ପରଶିଦିଏ । ଗାଁ ମଣିଷର ନିରୀହପଣ ପରି ସରଳ ଶବ୍ଦ ବିନ୍ୟାସ ଓ ପାଚିଲା ଧାନକ୍ଷେତର ପରିପୂର୍ଣ୍ଣ ବିଶ୍ୱାସ ପରି ସେମାନଙ୍କ କବିତା କପଟବିହୀନ । ନାହିଁ କୌଶଳର କସରତ, ନାହିଁ ବୌଦ୍ଧିକ ବିଳାସ, ନାହିଁ ଆଞ୍ଚଳିକ ଓ ଅଞ୍ଚଳରେ ଅଯଥା ଆଡ଼ମ୍ବର ।

ଏହି ମର୍ମରେ ଅକପଟ ଭାବେ ମଣିଷର କଥାକୁ କବିତା ଛାତିରେ ତୋଳି ଧରିଥିବା ସମକାଳର ଆଉ ଜଣେ ପ୍ରଭାବଶାଳୀ କବି ହେଲେ ଅଖିଳ ନାୟକ । ଯାହାଙ୍କ କବିତା ପଢ଼ିଲେ ମନେହୁଏ ସତେକି ସ୍ୱୟଂ କବି ପାଠକମାନଙ୍କ ସହ ଅନ୍ତରଙ୍ଗ ଆଳାପରେ ମସଗୁଲ ହୋଇ ପଡ଼ିଛନ୍ତି । ଏହି ଯୁବକବିଙ୍କ 'ଗାଧୁଆ ତୁଠ', 'ଧିକ୍', 'ଗୁଲିଖଟି' ଓ 'ଧୋବ ଫରଫର' ପରି ଚାରିଗୋଟି କବିତା ସଂକଳନ ଓଡ଼ିଆ ଦଳିତ ସାହିତ୍ୟର ନୂତନ ଦିଗକୁ ଉନ୍ମୋଚିତ କରି ଏକ ସାମ୍ୟ ଓ ସହବସ୍ଥାନ ସମାଜ ପାଇଁ ଅଖିଳଙ୍କ ସ୍ୱପ୍ନ ସାର୍ବଜନୀନ । କବି ଅଖିଳ ନିଜ କବିତାରେ ଆପଣାକୁ କାବ୍ୟପୁରୁଷ ଭାବେ ଉପସ୍ଥାପିତ କରିଛନ୍ତି । ଲକ୍ଷ୍ୟ କରନ୍ତୁ ତାଙ୍କର କେତୋଟି କାବ୍ୟ ପଙ୍‌କ୍ତିକୁ –

"ନାଟ ତ କାହିଁ ସରିବା ଭଳି ଲାଗୁନି
ବେଳ ହେଲାଣି ଯିବା
ସେ ଆଡ଼େ
ବାଡ଼ିରେ ପଶି ବିଲୁଆମାନେ
ଆଖୁ ଖାଉଥିବେ
ଯିବା ମାରିବା ।
ତମେ କ'ଣ ଭାବୁଚ
ଏଇ ଅସୁର ମରିଗଲେ
ନାଟ ସରିଯିବ ?

ଆଉ ଘଡ଼ିଏ ରହିବା ?

ଦେଖିଲ କ'ଣ ହେଲା ?

ଅସୁର ମଲା

ତା'ର ଟୋପେ ଟୋପେ ରକ୍ତରୁ

ପୁଣି ନୂଆ ନୂଆ ଅସୁର ଜନ୍ମିଲେ

ଲଢ଼େଇ ପୁଣି ଘମାଘୋଟ ଚାଲିଲା ।

ଯିବା ଯିବା

ବେଳ ହେଲାଣି ଯିବା ।"(ଧୋବ ଫରଫର, ପୃ.୬୨)

ସମୟ ବଦଳିଛି ଆଉ ବଦଳିଛି ମଧ୍ୟ ମଣିଷର ଦୃଷ୍ଟିକୋଣ । ଆମ୍ବେଦକରବାଦୀ ଦଳିତ ଚେତନା ଆଜି ନୈତିକ ମୂଲ୍ୟବୋଧ ଦ୍ୱାରା ସୁଷମାମଣ୍ଡିତ ହୋଇଛି । ଦଳିତ କବି ଅବହେଳିତ, ଶୋଷିତ, ନିଷ୍ପେସିତ ବିସ୍ଥାପିତ ମଣିଷ ପାଇଁ ସୃଷ୍ଟି କରିଛି ନୂଆ ଭାବେ ବଞ୍ଚିବାର ଆଶ୍ୱାସନା । ନିଜ ଅଧିକାର ପାଇଁ ରାଜରାସ୍ତାକୁ ଓହ୍ଲାଇଛି । ସୃଷ୍ଟି କରିଛି ରାଶିରାଶି ଦଳିତ ଚେତନାର କବିତା । ସ୍ୱାଭାବିକ ଓ ସ୍ୱ-ଅଧିକାରରେ ଅନାଥପଣକୁ ଆପଣେଇ ନେଇଥିବା ମଣିଷକୁ ବାଟ ଦେଖାଇ କବି କହନ୍ତି-

"ମୁଁ ଦେଖାଇ ଦେଇପାରିବି

ଖିଲା ପାଳଗଦାରେ

ବସିଥିବା ପକ୍ଷୀକୁ

ତମେ ଖାଲି ଅନ୍ଧହୋଇ ନଥିଲେ ହେଲା

ଅତୀତକୁ ଭୁଲିବାକୁ ହେବ ।

ବର୍ତ୍ତମାନକୁ ଛଡ଼ାଇ ଆଣିବାକୁ ହେବ ।"

ନିଜର ସ୍ଥିତି ଓ ଅସ୍ତିତ୍ୱକୁ ସୁଦୃଢ଼ କରିବାକୁ ହେବ । ସଂପର୍କ ରଖିବା ପାଇଁ ସହିଯିବା ସମ୍ଭବ ନୁହେଁ, ସ୍ୱତନ୍ତ୍ରତାକୁ ଜାହିର କରିବାକୁ ପଡ଼ିବ ।

"କାଲି ପାରିଥିବା

ଅଣ୍ଡା ଖୋଜୁ ଖୋଜୁ କୁକୁଡ଼ା

ତା'ର ଆଜିବି

ଅଣ୍ଡା ପାରିବାର ଅଛି

ଭୁଲିଯାଇଚି ।"(କୁକୁଡ଼ା, ଅଖିଳ ନାୟକ)

ସାଂପ୍ରତିକ ସ୍ୱେଚ୍ଛାଚାରୀ ମଣିଷ ଆପଣା ସଂକୀର୍ଣ୍ଣ ସ୍ୱାର୍ଥ ପାଇଁ ଧସେଇ ପଶୁଛି ଘଞ୍ଚ ସବୁଜିମା ଅରଣ୍ୟ ମଧ୍ୟକୁ । ଆଧୁନିକ ନାଁରେ ସେ ସୃଷ୍ଟି କରିବ କୃତ୍ରିମ କଂକ୍ରିଟ୍ ଜଙ୍ଗଲ, ଅନ୍ୟର ଲହୁଲୁହ ଉପରେ ସେ ଗଢ଼ିବ ଆପଣା କୃତ୍ରିମ ମିନାର । ସରଳ ଗିରିଜନମାନଙ୍କୁ ଅସଭ୍ୟ ଅନାର୍ଯ୍ୟ କହି ସେମାନଙ୍କ ମନବଳକୁ କପଟରେ ହାତେଇ ନେବ ଅନ୍ୟର ଅଧିକାରକୁ । କବିପ୍ରାଣ କିନ୍ତୁ ଆଧୁନିକ ମଣିଷର ଏହି ସଂକୀର୍ଣ୍ଣ ମାନସିକତାକୁ ଆଦୌ ଅଣଦେଖା କରିପାରେ ନାହିଁ । ତେଣୁ ତା' ଲେଖନୀ ସ୍ୱକୀୟ ହୋଇଉଠେ ଏହି କୁଚକ୍ରୀମାନଙ୍କ ବିରୁଦ୍ଧରେ ।

"ଆମର ଯୁଗ ଯୁଗର ଅଖଣ୍ଡ ଆଲୁଅକୁ

ନାକଚ କରି ସେମାନେ ତା'ର ନାଁ ଦେଲେ ଅନ୍ଧାର ।

ଆମର ଟୋଲ ସିଝା, ମାଣ୍ଡିଆ ପେଜ, ଭାତ ଖଲାରେ

ସେମାନେ ଚିହ୍ନଟ କଲେ ଜୀବାଣୁ ଜହର !

ଆମର ରୀତିରିଆଜ, ଧାରଣା-ବିଶ୍ୱାସକୁ

ଖତେଇ ହେଲେ ସେମାନେ, ଅନ୍ଧବିଶ୍ୱାସ, କୁସଂସ୍କାର !

ଆମର ଘାସ ବୁଦାରେ ଶାଗୁଆ ଜୀବନକୁ

ଚିରିବିଦାରି ପ୍ରମାଣ କଲେ ନାରଖାର ନରକ ।

ସେମାନେ ମଣିଷ ବି ଗଣିଲେ ନାହିଁ ଆମକୁ

ମନେ ମନେ ନାକ ଟେକିଲେ- ଜଙ୍ଗଲି ପୋକ !

ଆମର ହର୍ତ୍ତାକର୍ତ୍ତା ଇଷ୍ଟ ଦେବତାକୁ

ଖାରଜ କଲେ ସେମାନେ : ଗୋଟେ ମାମୁଲି ଡଙ୍ଗର !

ଏବଂ ନିଜକୁ ଜାହିର କଲେ

ସେମାନେ ହିଁ କାଳେ ପ୍ରାଣକର୍ତ୍ତା ଆମର ଈଶ୍ୱର ।"

ଉପଭୋଗୀ ଗୋଷ୍ଠୀ ଦ୍ୱାରା ନିର୍ଯ୍ୟାତିତ ଓ ପତିତ ଗୋଷ୍ଠୀର ଜୀବନଚିତ୍ର ବ୍ୟାଖ୍ୟା କରି ପଣ୍ଡିତମାନଙ୍କୁ ଏକାଠି କରି ଅଖିଳ ନାୟକ ଠିଆ କରେଇ ଦିଅନ୍ତି ବଡ଼ ଦାଣ୍ଡରେ । ଅଖିଳଙ୍କ କବିତାରେ ସଂଗ୍ରାମୀ ସ୍ୱର କେବଳ ନିଅଁଣ୍ଟିଆ ମଣିଷର ଜୀବନଚିତ୍ର ମଧ୍ୟରେ ଆବଦ୍ଧ ନୁହେଁ । ଅଧିକନ୍ତୁ ପାହାଡ଼, ଝରଣା, ଜମି, ଜଳ, ଜଙ୍ଗଲର ସୁରକ୍ଷା ପାଇଁ ମଧ୍ୟ ଅଭିପ୍ରେତ । ସଂପ୍ରତି ବଣିଆ ସମାଜର ମଣିଷମାନେ ଯେଉଁଭଳି ପ୍ରାକୃତିକ ସଂସାଧନଗୁଡ଼ିକରେ ଦୋହନ କରି ଚାଲିଛନ୍ତି, ସମୟ ପୂର୍ବରୁ ତାକୁ ଯଦି ରୋକା ନଯାଏ, ତା' ହେଲେ ସଂପୂର୍ଣ୍ଣ ମାନବ ସମାଜ ସଂକଟାପର୍ଣ୍ଣ ହୋଇପଡ଼ିବ ଏଥିରେ ସନ୍ଦେହ ନାହିଁ । ତେଣୁ ସାଂପ୍ରତିକ କବି ମଣିଷ ସହିତ ପ୍ରକୃତିକୁ ଯୋଡ଼ି ଏକ ନୂଆ ସଂଭାବନାର ଜଗତ ପାଇଁ ସାରସ୍ୱତ ଉଦ୍ୟମ ଜାରି ରଖିଛି । ଏହି ପରିପ୍ରେକ୍ଷୀରେ ଶଂସିତ କାଳର ଆଉ ଜଣେ

ପ୍ରତିଭାବାନ ତରୁଣ କବି ଭାରତ ମାଝୀଙ୍କ କବିତାକୁ ବିଚାର କରାଯାଇପାରେ ।

ପ୍ରଗତିଶୀଳ ଚିନ୍ତାଧାରାକୁ ପାଥେୟ କରି ରାଶି ରାଶି କବିତା ରଚନା କରିଥିବା କବି ଭାରତ ମାଝୀଙ୍କ ସୃଷ୍ଟିବଳୟରେ ମାନବତାବାଦ ଏବଂ ଦଳିତମାନଙ୍କ ପ୍ରତି ଦରଦୀ କବିପ୍ରାଣର ଉଦାର ସ୍ୱର ଝଙ୍କୃତ ହୋଇଛି । ବିକାଶ ନାଁରେ ବହୁ ଶିଳ୍ପାନୁଷ୍ଠାନର ପ୍ରତିଷ୍ଠା ଏବଂ ବିଭିନ୍ନ ସରକାରୀ ପରି ଯୋଜନର ନିର୍ମାଣ ତଳେ ଯେ କେତେ ନିରୀହ ଜନତାଙ୍କ ଲୁହଲହୁ- ଚାପି ହୋଇପଡୁଛି ତା'ର ହିସାବ କିଏ ରଖିଛି । ସ୍ୱାର୍ଥ ଓ କ୍ଷମତାର ସିଂହାସନ ଉପରେ ବସି ଲାଭ ପାଇଁ ହିସାବ ନିକାଶ କରୁଥିବା ଧନି ସାହୁକାରମାନେ ସେହି ଅସହାୟ ମଣିଷଙ୍କ ଛାତିର କୋହକୁ କେବେ କ'ଣ ବୁଝିବାକୁ ଚେଷ୍ଟା କରିଛନ୍ତି । ନାନା ସ୍ୱାର୍ଥାନ୍ଧ ମଣିଷର ଏକା ହୃଦୟ ଅଛି ଯେ, ଅନ୍ୟ ହୃଦୟ ଦରଜକୁ ଅନୁଭବ କରିପାରିବେ । ସେଥିପାଇଁ ଆବଶ୍ୟକ କବି ଭାରତ ମାଝୀଙ୍କ ଭଳି ସମ୍ବେଦନଶୀଳ ମଣିଷ । ଯିଏ ଲାଞ୍ଜିଗଡ଼ଠାରୁ କଳିଙ୍ଗ ନଗର ପର୍ଯ୍ୟନ୍ତ ଭିଟାମାଟିକୁ ହରାଇ ବର୍ଷବର୍ଷ ଧରି ବଞ୍ଚିବା ପାଇଁ ଡହଳ ବିକଳ ହେଉଥିବା ଶହଶହ ବିସ୍ଥାପିତ ମଣିଷଙ୍କ ଦୁଃଖ ଦୈନ୍ୟକୁ କବିତା ଛାତିରେ ତୋଳିଧରି ସାମାଜିକ ବିପ୍ଳବର ଆହ୍ୱାନ ଦେବ । ଏକଥା ଜାଣିରଖିବା ଉଚିତ୍ ଯେ ଗୋଟାଏ ଜନବସତି ଉଚ୍ଛେଦ ସହ ଲୋକସଂସ୍କୃତି ଓ ଜୀବନଧାରା ହୁଏ ନିର୍ବାସିତ । ଥିଲାବାଲା ହିଁ ପ୍ରତିଷ୍ଠା କରନ୍ତି ଶିଳ୍ପାନୁଷ୍ଠାନ, ଏଥିରୁ ଉତ୍ପନ୍ନ ଲାଭ ମଧ୍ୟ ଥିଲାବାଲାଙ୍କ ପକେଟକୁ ଯାଏ । ଯେଉଁମାନଙ୍କୁ ବିସ୍ଥାପନ କରାଯାଏ ସେମାନଙ୍କୁ ଉପଯୁକ୍ତ ଥଇଥାନ ଓ ସାମାଜିକ ସୁରକ୍ଷା ସରକାର କି ଶିଳ୍ପପତି ଯୋଗାଇ ଦିଅନ୍ତି ନାହିଁ । ଯାହା ଫଳରେ ସୃଷ୍ଟି ହୁଏ ଜନଅସନ୍ତୋଷ ଆଉ ତା'ପରେ ମୁଣ୍ଡ ଟେକେ ଆନ୍ଦୋଳନ ଓ ବିପ୍ଳବ । କବି ବା ଏଥିରୁ ବାଦ୍ ପଡ଼ନ୍ତା କିପରି, ସେ ମଧ୍ୟ ସୃଷ୍ଟି କରେ ରାଶିରାଶି କବିତା । ବଣିଆ ସଭ୍ୟତାକୁ ସେ ଅଙ୍ଗୁଳି ନିର୍ଦ୍ଦେଶ କରେ ।

"କେଉଁଠି ଥାଆନ୍ତି ଏତେ ଲୋକ ?
କିଏ ଛାଡ଼ି ଆସିଛି ଭିଟାମାଟି
କିଏ ଦଙ୍ଗାରୁ ଲୁଚି ଆସିଛି ଜଙ୍ଗଲ
କାହାକୁ ଖୋଜା ପଡ଼ିଛି ସହରରେ
ପିଠିରେ ଛାପ ପଡ଼ିଛି ନକ୍ସଲ
କିଏ ନୂଆଖାଇରେ ଦିଅଁ ଦର୍ଶନ କରି ଦେଇଚି ଗାଁ
ନିଆଁ ପାଣି ବାସନ୍ଦ
କିଏ ଶତାବ୍ଦୀର ପାପଗର୍ଭେ ବୋହି ଆଣିଛି
ବୋଲି ହୋଇ କଳା କଳା କଳଙ୍କ
ସତରେ କେଉଁଠି ଥାଆନ୍ତି ଏତେ ଲୋକ ?"

(ଏକା ଥରକେ, ଭାରତ ମାଝୀ)

ନୂଆଁଣିଆ ଚାଳଛପର ଦିଆ ଚାରିକାନ୍ଥ ମଧ୍ୟରେ ତେଲ ଲୁଣର ଛୋଟିଆ ସଂସାରଟି ଗଢ଼ିଥିବା ମଣିଷଟି ସଞ୍ଜ ନଇଁ ଆସିଲେ ଆସନ୍ତାକାଲିର ସ୍ୱପ୍ନମାନଙ୍କ ବୋଝ ତଳେ ଚାପି ହୋଇ ଶୋଇବାକୁ ଚେଷ୍ଟା କରେ । ହେଲେ ନିଜ ନପାରିବା ପଣ ହଜାଇ ଦେଇଛି ତା' ଆଖିର ନିଦ । ଘରଚଟିଆମାନଙ୍କ କିଚିରିମିଚିରି ସ୍ୱର ଶୁଣି ଆଖି ମଳିମଳି ସେ ଉଠି ବସିପଡ଼େ । ରାତି ପାହିବାକୁ ବସିଲାଣି ଏଯାଏଁ ସାହେବଙ୍କ ପାଇଁ ହାତଗୁଞ୍ଜା ଯୋଗାଡ଼ କରିପାରିନାହିଁ । ଏସନ ଫସଲ ପାଇଁ ବିହନ ଓ ସାର ଆସିବ କେମିତି । ବାପାଙ୍କୁ ହାତ ପତାଇବା ପାଇଁ ସୁଦୂର ସୁରାଟକୁ ଦାଦନ ଖଟିବାକୁ ଯାଇ ଏଡ୍‌ସ ରୋଗରେ ସଂକ୍ରମିତ ହୋଇଥିବା ଭେଣ୍ଡିଆ ପୁଅର ମୁହଁ ତାକୁ ଆହୁରି ଦୁର୍ବଳ କରିଦିଏ । ଗତବର୍ଷର ମହାବାତ୍ୟାରେ ସର୍ବସ୍ୱ ହରାଇଥିବା ଚାଷୀଟିଏ ସଳଖି ହୋଇ ଛିଡ଼ା ହେବାପାଇଁ ଚେଷ୍ଟା କଲାବେଳେ ବ୍ୟବସ୍ଥାର କୋରଡ଼ା ମାଡ଼ ନୟାନ୍ତ କରିଦିଏ ତାକୁ ।

"ବିହନ ଓ ସାର ପାଇଁ ଘୂରି ବୁଲିବୁଲି ହାତଗୁଞ୍ଜା
ଯୋଗାଡ଼ କରୁଥିବା ଚାଷୀର ମୁହଁ-
ଦେଶାନ୍ତରୀ ଦେଇ
ସୁରାଟରୁ ଏଡ୍‌ସ ଆଣିଥିବା
ଗୋଟିଏ ଭେଣ୍ଡିଆ ମୁହଁ
ମହାବାତ୍ୟାରେ ବାସହରା ହୋଇ
ହାତେ ବିଦେଶୀ ପଲିଥିନ୍‌କୁ
ଅପେକ୍ଷା କରିଥିବା ଗୃହସ୍ଥର ମୁହଁ
ଓସ୍ୱାଲାରେ- ପ୍ରାଣ ହାରିଥିବା
ଅଥ ଉପସ୍ଥାପନ ଖାତାରେ ନାଁ ନଥିବା
ଶ୍ରମିକର ମୁହଁ ।" (ମହାନଗରର ପଦ୍ୟ, ପୃ.୩୨)

ସବୁ ମୁହଁ ସତେ ଯେପରି ଏକାକାର ହୋଇପଡ଼ନ୍ତି କବିଙ୍କ ଭାବନାରେ, ତଫାତ୍ କିଛି ନାହିଁ । ସବୁଠି ତ ଅସହାୟତା ଦୁଃଖ ଆଉ ଦୈନ୍ୟର କୁହୁକୁହୁ ଆର୍ତ୍ତନାଦ । ଅଭାବି ମଣିଷମାନଙ୍କ ଜୀବନ କାହାଣୀକୁ ନେଇ ରାଶିରାଶି କବିତା ଲେଖୁଥିବା ଭାରତ ମାଝୀଙ୍କ କାବ୍ୟସ୍ୱର ଅସହାୟତାର ଦୀର୍ଘଶ୍ୱାସ ତଳେ ଚାପି ହୋଇଯାଇ ନାହିଁ

ବରଂ ହୋଇଛି ଆହୁରି ଶାଣିତ ଓ ପ୍ରଖର । କବି ଶ୍ରୀ ମାଝୀଙ୍କ କବିତାର ଭାଷା ହୋଇଛି ସଂକ୍ଷିପ୍ତ ଓ ତୀର୍ଯ୍ୟକ୍ ହୋଇଛି ତା'ର ଆବେଦନ । ଅନୁଭୂତିର ଭାବନାରେ ରସାଣିତ ଏହି କବିତାଗୁଡ଼ିକରେ ମଣିଷ ଜୀବନର ଦୁଃଖ, ସୁଖ, ସଂଗ୍ରାମ ଓ ସଂଘାତର କଥା ପରିଦୃଷ୍ଟ । ଭାବ, ଭାଷା, ସାବଲୀଳ ଶବ୍ଦ ପ୍ରୟୋଗ, ସାର୍ଥକ ରୂପକଳ୍ପ ଓ ଯଥାର୍ଥ ପ୍ରତୀକର ପ୍ରୟୋଗରେ ତାଙ୍କ କାବ୍ୟଶୈଳୀ ହୋଇଛି ମହନୀୟ ।

ସମାନ୍ତରାଳ ଭାବେ ସଂଶିତ କାଳରେ ବାସୁଦେବ ସୁନାନୀ ଜଣେ ଆଗଧାଡ଼ିର କବି ଯାହାଙ୍କ କବିତା ହେଉଛି ଦଳିତର ଦୈନନ୍ଦିନ ଜୀବନାନୁଭୂତିର କଳାତ୍ମକ ଅଭିବ୍ୟକ୍ତି ତାହାର ଚିନ୍ତା ଏବଂ ଚେତନାର ଆତ୍ମକାହାଣୀ ପତିତ ପଦଦଳିତ ତଥା ନିର୍ଯ୍ୟାତିତ ମଣିଷ ପ୍ରତି ଘଟୁଥିବା ଅନ୍ୟାୟ, ଅତ୍ୟାଚାର ଓ ଅନାଚାରର ନିଖୁଣ ବିବରଣୀ । କବିଙ୍କ ପ୍ରାର୍ଥନା କବିତାରେ ଏହି ଭାବ ବେଶ୍ ବାସ୍ତବଧର୍ମୀ ଓ ମର୍ମସ୍ପର୍ଶୀ ହୋଇପାରିଛି । ଦୃଷ୍ଟାନ୍ତ ସ୍ୱରୂପ ଲକ୍ଷ୍ୟ କରନ୍ତୁ ନିମ୍ନୋକ୍ତ ପଂକ୍ତିକୁ –

"ଛୁଆଁ ଗୋଟାଏ
ରଙ୍ଗ ନା ସ୍ପର୍ଶ
ଅନୁଭବ ନା ଆଦର୍ଶ
ଛୁଇଁଲା ଦେହରେ ଥାଏ
ଯା ଛୁଇଁବା ଦେହରେ ଥାଏ ।"

ଚତୁଃବର୍ଣ୍ଣ ବ୍ୟବସ୍ଥା ଯିଏ ସମୟାନୁଯାୟୀ ଯିଏ ଜାତିପ୍ରଥାକୁ ଜନ୍ମ ଦେଇଛି ସେଥିପ୍ରତି କବିଙ୍କର ଯେଉଁ ଭାବ ଉପରୋକ୍ତ ପଙ୍କ୍ତିରୁ ସ୍ପଷ୍ଟ ଅନୁଭବ କରିହୁଏ । ବାସ୍ତବରେ ଦଳିତ ଜୀବନର ବ୍ୟଥାକୁ ସମଧର୍ମା ହିଁ ଜୀବନ୍ତ ଭାବେ ଅଭିବ୍ୟକ୍ତ କରିପାରେ ଯାହା କବି ଶ୍ରୀ ସୁନାନୀଙ୍କ କବିତାରେ ଜୀବନ୍ତ ଭାବେ ରୂପାୟିତ ହୋଇଛି । ଦଳିତ ସମାଜର ଅର୍ଚ୍ଚିତ ଅନାଲୋଚିତ ଚରିତ୍ରମାନଙ୍କ ସହ କବିଙ୍କ ଅନ୍ତରଙ୍ଗତା, ବ୍ୟକ୍ତିଗତ ଓ ସାମୂହିକ ଜୀବନର ଅନୁଭବ ତାଙ୍କ କବିତାକୁ ଅନ୍ୟ ଓଡ଼ିଆ କବିମାନଙ୍କଠାରୁ କରିଛି ନିଆରା । 'ମହୁଲବଣ', 'ଅସ୍ପୃଶ୍ୟ' ଓ 'କରଡ଼ି ହାଟ' ଆଦି ସଂକଳନ ଅନ୍ତର୍ଗତ କବିତାଗୁଡ଼ିକରେ ଏହି ମର୍ମାନୁଭୂତି ବେଶ୍ ଅନୁଭବ୍ୟ ।

ସମାନ ଭାବେ ସଂଶିତ କାଳର ଆଉ ଜଣେ ଉଦୀୟମାନ ପ୍ରତିଭା ହେଉଛନ୍ତି କବି ଭରତ ବେହେରା କବିତାର ଗୁଣଗ୍ରାହୀ ପାଠକଙ୍କ ମହଲରେ ଶବ୍ଦ ଶିଳ୍ପର ନିଆରାପଣ ଲାଗି ସେ ବେଶ୍ ଜଣାଶୁଣା । ପ୍ରଚଳିତ ସମାଜ ବ୍ୟବସ୍ଥା ବିରୁଦ୍ଧରେ ତାଙ୍କ କାବ୍ୟସ୍ୱର ଖୁବ୍ ଶାଣିତ । କବି ଶ୍ରୀ ବେହେରାଙ୍କ ପ୍ରତିଟି କବିତା ଏକ ଉତ୍ତୀର୍ଣ୍ଣ ଚେତନାର ନିର୍ଗଳ ପ୍ରତିଛବି ବହନ କରିଥିବାରୁ ତାଙ୍କ କାବ୍ୟପୁରୁଷ ଖୁବ୍ ଆପଣାର ମନେ ହୁଅନ୍ତି । ପଲ୍ଲୀଠାରୁ ଦିଲ୍ଲୀଯାଏଁ ପ୍ରତ୍ୟେକ ସ୍ତରର ହୃଦୟକୁ ସ୍ପର୍ଶ କଲା ଭଳି ଘଟଣା, ଚରିତ୍ର, ଭାବ ଓ ବିଷୟକୁ ସାଉଁଟି ଆଣି କବି ଆକାରରେ ପରଶିଦେବା କବି ଶ୍ରୀ ବେହେରାଙ୍କ ନିଆରା କବିତା ତା'ର ଏକ ବଳିଷ୍ଠ ବିଶେଷତ୍ୱ । କଠୋର ବାସ୍ତବତାର ସଂଘାତ ସହ ଊର୍ଦ୍ଧ୍ୱ ଉଡ଼ାଣ ତାଙ୍କ କବି ସତ୍ତାକୁ ଦିଗନ୍ତ ପ୍ରସାରୀ କରିପାରିଛି । ତାଙ୍କ କାବ୍ୟିକ ଯାତ୍ରାପଥ ସେତିକି ତୀକ୍ଷ୍ଣ ସେତିକି ସୂକ୍ଷ୍ମ ଓ ସୁନ୍ଦର । କବିଙ୍କ ପ୍ରକାଶିତ 'ମୁଦ୍ରିତ ମହକ' କବିତା ସଂକଳନରେ ସେହି ଉତ୍ତରିତ କାବ୍ୟ ଚେତନାର ମହକ ଅନୁଭବ କରିହୁଏ । କବିଙ୍କ ଦୃଷ୍ଟିରେ ସନାତନ ଧର୍ମ ସେତିକି ପ୍ରାଚୀନ ସେତିକି ଜଟିଳ ମଧ୍ୟ । "ଧର୍ମସ୍ୟ ତତ୍ତ୍ୱ ନିହିତଂ ଗୁହାୟା" ଅର୍ଥାତ୍ ଧର୍ମ ପାଳନ ତ ଦୂରର କଥା, ଏହା ସହଜ ବୋଧଗମ୍ୟ ହୋଇପାରୁ ନଥିବାରୁ ଧର୍ମାନ୍ଧତାର ବିସ୍ତାର ଘଟୁଛି । ସ୍ୱାର୍ଥପର ମଣିଷ ପରଂପରାର ଦୂରୁପଯୋଗ କରୁଛି । ସାଧାରଣ ନିରୀହ ମଣିଷ ବିଭେଦ ଓ ଦାରିଦ୍ର୍ୟତାର ସାମାଜିକ କାରଣ ନଖୋଜି ଧର୍ମ ଧର୍ମାନ୍ଧତା ଯୋଗୁଁ ଭାଗ୍ୟକୁ ଆଦରି ଜିଇଁଛି । ସୁତରାଂ ସେ ଧର୍ମର ବଡ଼ପଣ୍ଡାମାନଙ୍କ ଦ୍ୱାରା ଶୋଷିତ ଓ ଅବହେଳିତର ଜୀବନ ଜୀଇଁବା ପାଇଁ ବାଧ୍ୟ ହୁଏ । କବି ସମାଜରେ ପ୍ରଚଳିତ ଏହି ପରଂପରା ବିରୁଦ୍ଧରେ ବିକ୍ଷୋଦ୍‌ଗାର କରିଛନ୍ତି ।

"ଉତ୍ତପ୍ତ କରାଏ ସେମାନଙ୍କୁ ଧର୍ମୀୟ ଝୁଲରେ
ଧର୍ମାନ୍ଧତାର ଧୂଆଁ କୁଣ୍ଡଳୀରେ ଛନ୍ଦାଯାଏ ବରାବର
ଯୋଗରେ ଭୋଗରେ ପୂଜାରେ
ପାର୍ବଣର ଉପବାସ ଉପାସନା ବେଦୀ ମଣ୍ଡପରେ
ତୁଳନା କରାଯାଏ ଡାହାଣୀ ପିଶାଚୀ କିମ୍ବା ଅଲକ୍ଷଣୀ ସହ ।"

ପୁନଶ୍ଚ କବି ଭାରତୀୟ ସାମାଜିକ ବ୍ୟବସ୍ଥା ତଥା ଜାତିପ୍ରଥା ପ୍ରତି ଅତ୍ୟନ୍ତ ସ୍ପର୍ଶକାତର ହୋଇ ଉଠିଛନ୍ତି । ଜାତିଜାତି ଭିତରେ ଉଚ୍ଚନୀଚ, ସବର୍ଣ୍ଣ-ଅସବର୍ଣ୍ଣ, ଆଦିବାସୀ ହରିଜନ ଭଳି କାହିଁ କେତେ ଜଣ ବିଭାଜନ ମଣିଷ ସମାଜକୁ ଆଜି ଅଧପତିତ ଓ ସଂକୀର୍ଣ୍ଣ କରିପକାଇଛି କହିବା ବାହୁଲ୍ୟ ମାତ୍ର । ଯୁଗଯୁଗ ଧରି ଏହି ଜାତିଆଣ ମନୋଭାବ ମାନବର ବିକାଶପଥକୁ ଅବରୋଧ କରିଛି । ମାଆ ଗର୍ଭରୁ ଶିଶୁଟି ଜନ୍ମ ହେଲାବେଳେ ସେ କୌଣସି ଜାତି ବା ଧର୍ମକୁ ଧାରଣ କରି ଆସି ନଥାଏ । ରକ୍ଷଣଶୀଳ ମଣିଷ ହିଁ ନିର୍ବୋଧ ଶିଶୁ ଦେହରେ ଜାତି ଓ ଧର୍ମର ମୋହର ଲଗାଇ ତା' ଭିତରର

ମଣିଷପଣିଆକୁ ମାରିଦେବା ପାଇଁ ଆରମ୍ଭ କରିଦିଏ ହୀନଚକ୍ରାନ୍ତ । କବିଙ୍କ ଭାଷାରେ–

"ଚିହ୍ନ ଚିହ୍ନିତ ଉଲଗ୍ନ ଶିଶୁକୁ
ସେ ହିନ୍ଦୁ ବା ଶିଖ୍
ମୁସଲମାନ୍ ନା ମରହଟ୍ଟା
ଖ୍ରୀଷ୍ଟ ନା ବୌଦ୍ଧ
ଜୈନ ନା ଜୋରାଷ୍ଟର
ନାଥ ନା ମହିମା
ବ୍ରାହ୍ମଣ ନା ବିନ୍ଧାଣି
ସ୍ପୃଶ୍ୟ ନା ଅସ୍ପୃଶ୍ୟ, ଧନୀ ନା ନିର୍ଦ୍ଧନ ?" (ଉଲଗ୍ନ ଶୈଶବ)
ଗୋଟା ସାରା ସେ ଉଲଗ୍ନ ବିବସ୍ତ୍ର

ସଂପ୍ରତି ମଣିଷ ବସ୍ତୁବାଦୀ ସମାଜରେ ବିକାଶ କରୁଛି ସତ, ହେଲେ ଧୀରେ ଧୀରେ ଦୂରେଇ ଯାଉଛି ପାରଂପରିକ ମୂଲ୍ୟବୋଧକୁ । ନୀତି, ଆଦର୍ଶ, ନୈତିକତା ଭଳି ଚିରଶାଶ୍ୱତ ମାନବୀୟ ଗୁଣାବଳୀ ଆଜି ତା'ର ଜୀବନ ଚର୍ଯ୍ୟାରୁ ଅଲଭ୍ୟ ହୋଇପଡ଼ିଛି । ମଣିଷ ମଣିଷ ମଧ୍ୟରେ ସ୍ନେହ, ପ୍ରେମ, ଭଲପାଇବା କୁଆଡ଼େ ଉଭେଇ ଗଲାଣି । ମଣିଷ ହାତରେ ଛୁରୀ ଧରୁଛି, କାଟିବାକୁ ଅନ୍ୟର ବେକ । ବର୍ତ୍ତମାନ ଏକ ଉଦ୍ଭଟ ହିଂସା ପ୍ରପୀଡ଼ିତ ସଭ୍ୟତା ଉପରେ ଠିଆହୋଇ କାବ୍ୟନାୟକ ଘୋଷଣା କରୁଛି ସେ ମୁକ୍ତ । କାହାର ଭୃତ୍ୟ ହେବାକୁ ଋହାନ୍ତି ନାହିଁ । ସେ ଜଣେ ମୁକ୍ତ ମଣିଷ ।

"ମହୁରେ ନାହିଁ ଘୋରା ଚନ୍ଦନର ଟିପା
ବେକରେ ନାହିଁ ମାଳି କି ପଇତା
ଖଣ୍ଡାରେ ନାହିଁ ନେଳି ଡୋରି
ଆଙ୍ଗୁଳିରେ ନାହିଁ ମୁଦି କି ମଣ୍ଡଳ
ମୁଁ ମୁକ୍ତ ତରଙ୍ଗ ଉଲଗ୍ନ ।" (ଉଲଗ୍ନ ମଣିଷ)

କବି ଶ୍ରୀ ଭରତ ବେହେରା ମଣିଷ ମଣିଷ ମଧ୍ୟରେ ଥିବା ଏହି ଅବାଞ୍ଛିତ ବ୍ୟବଧାନକୁ ସଂକୁଚିତ କରି ଏକ ସାମ୍ୟବାଦୀ ସମାଜର ପ୍ରତିଷ୍ଠା ପାଇଁ ସ୍ୱପ୍ନ ଦେଖୁଛନ୍ତି । ଦିନ ଆସିବ ପୃଥିବୀରେ ମାନବତାର ମନ୍ତ୍ର ଚତୁର୍ଦ୍ଦିଗରେ ଗୁଞ୍ଜରିତ ହେବ । ସୁଖ, ଶାନ୍ତି, ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଜ ବ୍ୟବସ୍ଥା ପୁନଃ ପ୍ରତିଷ୍ଠିତ ହେବ । କବିଙ୍କ କାବ୍ୟସ୍ୱର ପାଠକ ମନରେ ଆଶାବାଦର ମେଘମହ୍ଲାର ସୃଷ୍ଟି କରେ । ଐକ୍ୟ ମୈତ୍ରୀର ମନ୍ତ୍ର ଶୁଣାଉଥିବା କବି ଶ୍ରୀ ବେହେରାଙ୍କ ପ୍ରତ୍ୟେକ କାବ୍ୟ ସଂକଳନ ସାମାଜିକ ଦାୟବଦ୍ଧତାର ଏକ ଏକ ବଳିଷ୍ଠ ଆଲେଖ୍ୟ । 'କୁହୁଳା ଭୂଇଁ', 'ପକ୍ଷ ପରାଗ', 'ମୌନାବତୀ ମାଟି', 'ମୁଦ୍ରିତ ମହକ' ଭଳି କବିତା ପୁସ୍ତକଗୁଡ଼ିକ ସେହି ସମାଜ ଚେତନାର ସ୍ୱର ବହନ କରିଥିବା ଏକଏକ ସ୍ୱର୍ଣ୍ଣିଳ ସ୍ୱାକ୍ଷର । ସବୁଠି ଦଳିତ ନିଷ୍ପେସିତ ମଣିଷ ପାଇଁ ଦରଦୀ କବି ହୃଦୟର ଅମାପ ସମ୍ବେଦନା । କେତେବେଳେ ତାହା ସଂଘର୍ଷର ଉଦାତ୍ତ ସ୍ୱରରେ ମୁଖରିତ ତ ଆଉ କେତେବେଳେ ସହାବସ୍ଥାନର କୋମଳ ଭାବନାରେ ଝଙ୍କୃତ । ମଣିଷପଣିଆର ପ୍ରତିଷ୍ଠା ପାଇଁ କବି ଲେଖନୀ ସଦା ତତ୍ପର ମନେହୁଏ ।

ଉତ୍ତର-ଅଶୀ ପର୍ଯ୍ୟାୟରେ ଓଡ଼ିଆ କାବ୍ୟଧାରା ଭାବ ଓ ସ୍ୱର ଦୃଷ୍ଟିରୁ ଯେଉଁଭଳି ବର୍ଣ୍ଣିଳ ସେହିଭଳି ପ୍ରାଞ୍ଜଳ ମଧ୍ୟ । ବର୍ଷ ବର୍ଷ ଧରି ସାମାଜିକ ଲାଞ୍ଛନାର କୋହଡ଼ା ମାଡ଼ ସହି ଆସିଥିବା ନିଷ୍ପେଷିତ ମଣିଷକୁ ଆପଣା ଅଧିକାର ଓ ଆତ୍ମସମ୍ମାନ ଫେରାଇ ଆଣିବା ପାଇଁ ସଞ୍ଚିତ ସଂଶିତ କାଳରେ କବିକୁଳ ଯେଉଁ ସକାରାତ୍ମକ ସାରସ୍ୱତ ପ୍ରୟାସ ଜାରି ରଖିଛନ୍ତି, ଦିନେ ନା ଦିନେ ତାହା ସାକାର ହେବ । ଭାରତବର୍ଷରୁ ଉଚ୍ଛେଦ ହେବ ଅସ୍ପୃଶ୍ୟତା, ଧର୍ମାନ୍ଧତା ତଥା ଗରିବ ମଣିଷ ପ୍ରତି ହେଉଥିବା ଅକଥନୀୟ ଶୋଷଣ ଓ ନିର୍ଯ୍ୟାତନାର କଳୁଷିତ ବ୍ୟବସ୍ଥା । ପ୍ରତିଷ୍ଠା ହେବ ରାମରାଜ୍ୟ । ଯେଉଁଠି ନଥିବ ରାମ ଓ ପ୍ରଜା ମଧ୍ୟରେ ବ୍ୟବଧାନର ଲକ୍ଷ୍ମଣରେଖା । ସମସ୍ତେ ଏକାକାର ହେବେ ମାନବତାର ଯଜ୍ଞ ବେଦୀରେ । ଉଚ୍ଚାରିତ ହେବ ସ୍ନେହ, ମୈତ୍ରୀ ଓ ଭାଇଋରାର ଉଦାତ୍ତ ମନ୍ତ୍ର ।

ସହକାରୀ ପ୍ରାଧ୍ୟାପକ
ସ୍ନାତକୋତ୍ତର ଓଡ଼ିଆ ଭାଷା-ସାହିତ୍ୟ ବିଭାଗ
କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

ISSN -2583-147X (P), **Vol.- 9, Issue No.VII, October 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ପ୍ଲାଟୋଙ୍କ ଆଦର୍ଶବାଦ

## ଡକ୍ଟର ଶରତ କୁମାର ଜେନା

ଗ୍ରୀକ୍ ହେଉଛି ପାଶ୍ଚାତ୍ୟ ସଂସ୍କୃତି ଓ ସଭ୍ୟତାର ଆଦିସ୍ରୋତ । ଗ୍ରୀକ୍‌ର ଦାର୍ଶନିକ, ବିଚାରକ ଏବଂ କାବ୍ୟ ଚିନ୍ତକମାନଙ୍କ ଯେଉଁ ତତ୍ତ୍ୱଗୁଡ଼ିକ ଖ୍ରୀଷ୍ଟପୂର୍ବ ଚତୁର୍ଥ ପଞ୍ଚମ ଶତାବ୍ଦୀରୁ ପ୍ରତିପାଦିତ ହୋଇଥିଲା, ତା'ର ଅନୁରଣନ ପରବର୍ତ୍ତୀ ଯୁଗର ବିଭିନ୍ନ ବିଚାରକଙ୍କ ପାଖରେ ଦେଖା ଦେଇଥିଲା । ଗ୍ରୀକ୍‌ର ଗୌରବଶାଳୀ ଚିନ୍ତାନାୟକ ଏବଂ ମହାନ୍ ଦାର୍ଶନିକ ସକ୍ରେଟିସ୍‌ଙ୍କ ଶିଷ୍ୟ ପ୍ଲାଟୋ (ଖ୍ରୀ:ପୂ: ୪୨୮ରୁ ୩୪୭)ଙ୍କ ନାମ ସର୍ବାଦୌ ଅଗ୍ରଗଣ୍ୟ । ପ୍ଲାଟୋ ମୂଳତଃ ଥିଲେ ଜଣେ ଦାର୍ଶନିକ ଏବଂ ଆଚାର୍ଯ୍ୟ । ସେ ଖ୍ରୀ:ପୂ: ୩୮୮ରେ ନିଜ ଜନ୍ମଭୂମି ଏଥେନ୍‌ସରେ ଗୋଟିଏ ବିଦ୍ୟାଳୟ ସ୍ଥାପନା କରି ନିଜ ଜୀବନର ଅନ୍ତିମ କାଳ ଯାଏ ସେଠାରେ ଅଧ୍ୟାପନା କାର୍ଯ୍ୟ କରିଥିଲେ । ବିଦ୍ୟାଳୟ ସ୍ଥାପନା ପୂର୍ବରୁ ସେ ବିଦେଶ ଭ୍ରମଣ କରିଥିଲେ । ପ୍ରାୟତଃ ଏଗାର ବର୍ଷ ଧରି ସେ ଏସିଆ ମାଇନରଠାରୁ ଆରମ୍ଭ କରି ଇଟାଲୀ ପର୍ଯ୍ୟନ୍ତ ବିଭିନ୍ନ ଦେଶକୁ ଯାତ୍ରାକରି ବିଭିନ୍ନ ଦାର୍ଶନିକ ତତ୍ତ୍ୱ ଓ କଳା ସମ୍ପର୍କୀୟ ଜ୍ଞାନ ଲାଭ କରିଥିଲେ । ଏଥିପାଇଁ ହୁଏତ ପ୍ଲାଟୋଙ୍କ ଠାରେ ତାଙ୍କ ପୂର୍ବବର୍ତ୍ତୀ ଗ୍ରୀକ୍ ଦାର୍ଶନିକଙ୍କଠାରୁ ଭିନ୍ନ, ନୂତନ ଏବଂ ମୌଳିକ ଚିନ୍ତାଧାରା ଲକ୍ଷ୍ୟ କରାଯାଏ । ସେ ତାଙ୍କ ପୂର୍ବବର୍ତ୍ତୀ ଦାର୍ଶନିକ ପିଥାଗୋରାସ ଓ ସକ୍ରେଟିସ୍‌ଙ୍କ ଦ୍ୱାରା ପ୍ରଭାବିତ ହୋଇଛନ୍ତି । ତେବେ ତାଙ୍କ ଦୃଷ୍ଟିକୋଣ ସ୍ୱତନ୍ତ୍ର ଏବଂ ମୌଳିକ, ଯାହା ତାଙ୍କଦ୍ୱାରା ପ୍ରକାଶିତ ବିଭିନ୍ନ ଦାର୍ଶନିକ ଏବଂ ରାଜନୀତିକ ଗ୍ରନ୍ଥମାନଙ୍କରେ ଉପଲବ୍ଧ । ତାଙ୍କଦ୍ୱାରା ରଚିତ ଗ୍ରନ୍ଥମାନଙ୍କ ମଧ୍ୟରେ 'ଦି ରିପବ୍ଲିକ୍', 'ଦି ଷ୍ଟେଟସ୍‌ମ୍ୟାନ', 'ଦି ଲାଁଜ୍' ଆଦି ଉଲ୍ଲେଖନୀୟ ଅଟେ ।

ପ୍ଲାଟୋଙ୍କ ସାହିତ୍ୟିକ ବିଚାର ତାଙ୍କର ରାଜନୀତିକ ଓ ଦାର୍ଶନିକ ତତ୍ତ୍ୱ ଦ୍ୱାରା ପ୍ରଭାବିତ । ଏଣୁ ତାଙ୍କର ସାହିତ୍ୟ ସମ୍ବନ୍ଧୀୟ ବିଚାର ବିବେଚନା କରିବା ପୂର୍ବରୁ ତାଙ୍କର ଦାର୍ଶନିକ ଏବଂ ରାଜନୀତିକ ବିଚାରକୁ ଜାଣିବା ଆବଶ୍ୟକ ।

**ପ୍ଲାଟୋଙ୍କ ଦାର୍ଶନିକ ବିଚାର :**

ଦର୍ଶନର ଚରମ ଲକ୍ଷ୍ୟ ହେଉଛି ସତ୍ୟ ବା ଚରମ ସତ୍ୟର ଅନ୍ୱେଷଣ କରିବା । ତେବେ ଏହି ଚରମ ସତ୍ୟ କ'ଣ ତାକୁ ଅନ୍ୱେଷଣ କରିବା ନିମନ୍ତେ ଯେଉଁ ଦାର୍ଶନିକମାନେ ପ୍ରୟାସ କରିଥାନ୍ତି, ସେମାନଙ୍କୁ ମୁଖ୍ୟତଃ ଦୁଇବର୍ଗରେ ବିଭକ୍ତ କରାଯାଇପାରେ । ପ୍ରଥମ ବର୍ଗର ଦାର୍ଶନିକମାନେ କୌଣସି ସୂକ୍ଷ୍ମ ସତ୍ତା ବା ପରୋକ୍ଷ ଶକ୍ତି, ଯାହାକୁ ପରମାତ୍ମା ବୋଲି କୁହାଯାଇପାରେ ତାଙ୍କୁ ଅନ୍ତିମ ସତ୍ୟ ବା ଶାଶ୍ୱତ ସତ୍ୟ ବୋଲି ମାନିଥା'ନ୍ତି । ଦ୍ୱିତୀୟ ବର୍ଗର ଦାର୍ଶନିକମାନେ ଏହି ସ୍ଥୁଳ ଏବଂ ଭୌତିକ ଜଗତକୁ ହିଁ ସୃଷ୍ଟିର ଆଧାରଭୂତ ତତ୍ତ୍ୱ ବୋଲି ମାନିଥା'ନ୍ତି । ପ୍ରଥମ ବର୍ଗଙ୍କୁ ଆଦର୍ଶବାଦୀ ଦାର୍ଶନିକ ଏବଂ ଦ୍ୱିତୀୟ ବର୍ଗଙ୍କୁ ବାସ୍ତବବାଦୀ ଦାର୍ଶନିକ କୁହାଯାଏ । ପ୍ଲାଟୋ ଥିଲେ ପ୍ରଥମ ବର୍ଗର ଦାର୍ଶନିକ । ସେ ମାନୁଥିଲେ ଯେ, ଏହି ଭୌତିକ ଜଗତ ପଶ୍ଚାତ୍‌ରେ କୌଣସି ସୂକ୍ଷ୍ମ, ଶାଶ୍ୱତ ଏବଂ ଅଲୌକିକ ଜଗତର ଆଧାର ନିହିତ । ଏ ଜଗତ କୌଣସି ଆଧ୍ୟାତ୍ମିକ ଲୋକର ପ୍ରତିଛାୟା । ତେଣୁ ଏ ଜଗତ ଏବଂ ଏହାର ପଦାର୍ଥ ମିଥ୍ୟା ଅଟେ । ତାଙ୍କର ବାସ୍ତବିକ ରୂପ ବିଚାରଗତ ରୂପ (Idea) ରେ ଅଧ୍ୟାତ୍ମଲୋକରେ ବିଦ୍ୟମାନ । ଏ ସୃଷ୍ଟିର ନିର୍ମାଣ କୌଣସି ଅଲୌକିକ ଶକ୍ତି ବା ପରାମାତ୍ମାଙ୍କ ବିଚାର (Idea) ଅନୁସାରେ ହୋଇଛି । ଏହି ବିଚାର ହେଉଛି ମୂଳତତ୍ତ୍ୱ ଏବଂ ବସ୍ତୁ ହେଉଛି ମିଥ୍ୟା । ପ୍ଲାଟୋଙ୍କ ଅନୁସାରେ ଏହି ସଂସାରରେ ଯେତେ ବସ୍ତୁ ଅଛି, ସେସବୁ ବିଚାର ରୂପରେ ଅଲୌକିକ ଜଗତରେ ବିଦ୍ୟମାନ । ସାଂସାରିକ ପଦାର୍ଥ ଅପୂର୍ଣ୍ଣ, ପରିବର୍ତ୍ତନଶୀଳ ଏବଂ କ୍ଷୟଶୀଳ । ଏଣୁ ସେସବୁ ମିଥ୍ୟା । କାରଣ ଅଲୌକିକ ଜଗତରେ ବିଦ୍ୟମାନ ତାଙ୍କର ବିଚାର ଅପରିବର୍ତ୍ତନୀୟ ଏବଂ ଶାଶ୍ୱତ ଥିବା ଯୋଗୁଁ ସତ୍ୟ । ଅତଏବ ବସ୍ତୁ ଅପେକ୍ଷା ବିଚାର ବା ତତ୍ତ୍ୱ (Idea) କୁ ଗୁରୁତ୍ୱ ପ୍ରଦାନ କରୁଥିବାରୁ ପ୍ଲାଟୋଙ୍କ ବିଚାରଧାରାକୁ ତତ୍ତ୍ୱବାଦ ବା ଆଦର୍ଶବାଦ (Idealism) କୁହାଯାଏ । ଇଂରାଜୀ Idealism ଶବ୍ଦ ମଧ୍ୟ Idea ରୁ ସୃଷ୍ଟି, ଯାହା ଏହି ତତ୍ତ୍ୱର ସୂଚକ, ଯାହା ପଦାର୍ଥ ଅପେକ୍ଷା ବିଚାର ଉପରେ ଅଧିକ ଗୁରୁତ୍ୱ ଦେଇଥାଏ । ପରବର୍ତ୍ତୀ ସମୟରେ ଏହି ଆଦର୍ଶବାଦ ନୈତିକ ସିଦ୍ଧାନ୍ତ ଏବଂ ଉଚ୍ଚକୋଟୀର ମାନବୀୟ ମୂଲ୍ୟ ନିମନ୍ତେ ବ୍ୟବହାର କରାଗଲା । ଅତଏବ ପ୍ଲାଟୋ ଭାରତୀୟ ଅଦ୍ୱୈତବାଦୀମାନଙ୍କ ଭଳି ଜଗତକୁ ମିଥ୍ୟା ଓ ବିଚାରରୂପୀ ବ୍ରହ୍ମକୁ ସତ୍ୟ ମାନିଥିଲେ । ଏହି ଧାରଣାର ପ୍ରଭାବ ତାଙ୍କର ରାଜନୀତିକ ଏବଂ ସାହିତ୍ୟିକ ବିଚାର ଉପରେ ମଧ୍ୟ ପଡ଼ିଛି ।

ପ୍ଲାଟୋଙ୍କ ସମୟରେ ୟୁନାନ୍‌ର ରାଜନୀତି ଅତ୍ୟନ୍ତ ଦୟନୀୟ ସ୍ଥିତିରେ ଥିଲା । ପ୍ଲାଟୋ ଯେଉଁ ନଗରରେ ରହୁଥିଲେ, ସେଠାରେ ମଧ୍ୟ ଗଣତନ୍ତ୍ର ଶାସନ ଚାଲୁଥିଲା, କିନ୍ତୁ ତାହା ଅତ୍ୟନ୍ତ ଶୋଚନୀୟ ଥିଲା । ଗଣତନ୍ତ୍ର ଶାସନ ଯେତେବେଳେ କିଛି ଅଦୂରଦର୍ଶୀ, ସ୍ୱାର୍ଥୀ, ବିଳାସୀ, କିମ୍ବା ଧନଲୋଲୁପଙ୍କ ହାତକୁ ଯାଏ, ତେବେ ତାକୁ ମୁର୍ଖମାନଙ୍କ ଶାସନ ବୋଲି କୁହାଯାଏ । ଏଥେନ୍‌ସର ଏହି ମୁର୍ଖଶାସନ ବ୍ୟବସ୍ଥା ହିଁ ପ୍ଲାଟୋଙ୍କ ଗୁରୁ ସକ୍ରେଟିସ୍‌ଙ୍କ ପ୍ରାଣ ନେଇଥିଲା । ଏହା ପ୍ଲାଟୋଙ୍କ ମନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଥିଲା । ତେଣୁ ସେ ଏଭଳି ଏକ ଶାସନ ପ୍ରଣାଳୀର ଆବିଷ୍କାର କରିବାକୁ ଚାହୁଁଥିଲେ, ଯେଉଁଥିରେ ସତ୍ୟର ପୂଜାରୀମାନେ ସବୁଠାରୁ ଉଚ୍ଚ ସ୍ଥାନରେ ରହିବେ । ଶାସନର କ୍ଷମତା ଯେତେବେଳେ କୌଣସି ସତ୍ୟଶୀଳ, ବିଦ୍ୱାନ ଏବଂ କର୍ମନିଷ୍ଠ ବ୍ୟକ୍ତି ହାତରେ ରହିବ, ସେତେବେଳେ ଏହା ସମ୍ଭବ ହୋଇପାରିବ । ଏଥିପାଇଁ ସେ ଏମିତି ଏକ ଗଣରାଜ୍ୟର ପରିକଳ୍ପନା କଲେ, ଯାହାର ଶାସନଭାର ଜଣେ ମହାନ୍ ଦାର୍ଶନିକଙ୍କ ହାତରେ ରହିବ ।

ନିଜର ଗ୍ରନ୍ଥ 'ରିପବ୍ଲିକ୍'ରେ ପ୍ଲାଟୋ ବିସ୍ତାର ଭାବରେ ଏମିତି ଏକ ଯୋଜନା କଲେ । ତାଙ୍କର ବିଚାର ଅନୁସାରେ ବିଦ୍ୟାଳୟ ସ୍ତରରୁ ହିଁ ଏଭଳି ଚୟନ ପ୍ରକ୍ରିୟାର ସୂତ୍ରପାତ ହେବା ଆବଶ୍ୟକ । ସାତବର୍ଷରୁ କୋଡ଼ିଏ ବର୍ଷ ବୟସ ପର୍ଯ୍ୟନ୍ତ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଯିଏ ସର୍ବୋଚ୍ଚସ୍ତରରେ ଅଭିଜ୍ଞ ଥିବ, ତାଙ୍କୁ ସୈନିକ ରୂପରେ ବଛାଯିବ । ଏହି ସୈନିକମାନଙ୍କୁ ସ୍ୱତନ୍ତ୍ର ଶିକ୍ଷା ଦେଇ ସେମାନଙ୍କ ମଧ୍ୟରୁ ଯିଏ ଉଚ୍ଚସ୍ତରର ପ୍ରମାଣିତ ହେବେ, ତାକୁ ଶାସକ ବର୍ଗ ଅନ୍ତର୍ଗତ କରାଯିବ । ପୁଣି ଶାସକବର୍ଗଙ୍କୁ ସ୍ୱତନ୍ତ୍ର ଶିକ୍ଷାଦୀକ୍ଷା ପ୍ରଦାନ କରି ଏମାନଙ୍କ ମଧ୍ୟରୁ ଯିଏ ଶ୍ରେଷ୍ଠ ତାଙ୍କୁ ମୁଖ୍ୟ ଶାସକ ବା ରାଜା ଭାବେ ବଛାଯିବ । ପ୍ଲାଟୋଙ୍କ ସ୍ୱପ୍ନର ଶାସକ କେବଳ ଦର୍ଶନ, ବିଜ୍ଞାନ ଏବଂ ଶାସନ ପଦ୍ଧତିରେ ପାରଙ୍ଗମ ହେବ ନାହିଁ, ବରଂ ବୈୟକ୍ତିକ ଓ ଚାରିତ୍ରିକ ଗୁଣ ସମ୍ପନ୍ନ ମଧ୍ୟ ହୋଇଥିବେ । ସମ୍ଭବତଃ, କ୍ଷମତା ପାଇବା ପରେ ସେ ସ୍ୱାର୍ଥୀ ହୋଇ ପ୍ରଜାମାନଙ୍କ ସହିତ ଅନ୍ୟାୟ କରିପାରନ୍ତି, ତେଣୁ ତାଙ୍କ ପାଇଁ ବ୍ୟକ୍ତିଗତ ଧନସମ୍ପତ୍ତି ଏବଂ ପରିବାର ନିଷେଧ ହେବ । ପ୍ଲାଟୋଙ୍କ ଆଦର୍ଶ ଶାସକ ନିଜର ସମୁଚିତ ଉପଯୋଗ ନିମନ୍ତେ ରାଜ୍ୟର ସମ୍ପତ୍ତିକୁ କାମରେ ଲଗାଇ ପାରିବେ ଓ ଅସ୍ଥାୟୀ ରୂପରେ କୌଣସି ନାରୀ ସହିତ ଯୌନସମ୍ପର୍କ ସ୍ଥାପିତ କରିପାରିବେ କିନ୍ତୁ ବିବାହ କରି ନିଜର ସ୍ୱତନ୍ତ୍ର ଘର କରିପାରିବେ ନାହିଁ । ସତ କହିଲେ, ଅଧିକାଂଶ ଶାସକ ବା ମନ୍ତ୍ରୀଙ୍କୁ ପ୍ରାୟତଃ ତାଙ୍କ ପୁଅଝିଅମାନେ ଅଧିକ ବଦନାମ କରିଥାନ୍ତି । ଅନେକ କ୍ଷେତ୍ରରେ ଶାସକମାନେ ହିଁ ପ୍ରଥମେ ଆଇନକୁ ଅମାନ୍ୟ, ଅବହେଳା କରି ପକ୍ଷପାତି ଓ ସୁପାରିଶର ଆଶ୍ରୟ ନେଇଥାନ୍ତି । ଏହାଦ୍ୱାରା ଶାସନ କ୍ଷେତ୍ରରେ ଭ୍ରଷ୍ଟାଚାରର ବୀଜବପନ ହୋଇଥାଏ । ପ୍ଲାଟୋ ଏହା ସହିତ ବାସ୍ତବରେ ପରିଚିତ ଥିବାରୁ ସେ ଶାସକଙ୍କ ପାଇଁ ପରିବାର ଏବଂ ସମ୍ପତ୍ତିର ସର୍ବଦା ନିଷେଧ କରିଥିଲେ ।

ପ୍ଲାଟୋ ଏମିତି ଏକ ରାଜ୍ୟ ପରିକଳ୍ପନା କରିଥିଲେ, ଯେଉଁଥିରେ ସତ୍ୟ, ନ୍ୟାୟ, ଧର୍ମ ଓ ସଦାଚାରର ପୂର୍ଣ୍ଣ ପ୍ରତିଷ୍ଠା ହୋଇପାରିବ । ଏଥିପାଇଁ କେବଳ ଶାସକ ସତ୍ୟ-ଧର୍ମର ପ୍ରତିଷ୍ଠାତା ହେଲେ ହେବ ନାହିଁ, ରାଜ୍ୟର ସାମଗ୍ରିକ ବ୍ୟବସ୍ଥା ଏବଂ ପରିବେଶ ମଧ୍ୟ ଅନୁକୂଳ ହେବା ଆବଶ୍ୟକ । ବ୍ୟବସ୍ଥା ଓ ପରିବେଶକୁ ଅନୁକୂଳ ଓ ପ୍ରତିକୂଳ କରିବାରେ କଳା ଓ ସାହିତ୍ୟର ଭୂମିକା ରହୁଥିବାରୁ ପ୍ଲାଟୋ ଏ ସମ୍ପର୍କରେ ବିଚାର କରିଥିଲେ । ତେବେ କେବଳ କଳା ଓ ସାହିତ୍ୟ ସଂପର୍କରେ ସ୍ୱତନ୍ତ୍ର ବିଚାର କରିବା ତାଙ୍କର ଲକ୍ଷ୍ୟ ନଥିଲା, ଆଦର୍ଶ ଗଣରାଜ୍ୟର ସହଯୋଗୀ ଶକ୍ତି ଭାବରେ ସେ ଏହାର ଆଲୋଚନା କରିଥିଲେ ।

**ସାହିତ୍ୟ ସମ୍ବନ୍ଧୀୟ ଦୃଷ୍ଟିକୋଣ :**

ସାହିତ୍ୟ ଯେତେବେଳେ ଆଦର୍ଶ ଗଣରାଜ୍ୟର ନାଗରିକମାନଙ୍କ ପାଖରେ ସତ୍ୟ, ନ୍ୟାୟ ଓ ସଦାଚାର ଭାବନା ପ୍ରତିଷ୍ଠାରେ ସହାୟକ ହୋଇଥାଏ, ସେତେବେଳେ ସାହିତ୍ୟର ମହତ୍ତ୍ୱ ରହିଛି ବୋଲି ପ୍ଲାଟୋ ବୁଝିଥିଲେ । କଳା ଓ ସାହିତ୍ୟ ଅସୀମ ଆନନ୍ଦ ପ୍ରଦାନ କରେ, ଏ କଥାକୁ ପ୍ଲାଟୋ ଅସ୍ୱୀକାର କରିନଥିଲେ, କିନ୍ତୁ ଯେଉଁ ଆନନ୍ଦ ଉପଯୁକ୍ତ ଲକ୍ଷ୍ୟ ସାଧନରେ ବାଧକ ହୋଇଥାଏ, ସେ ସାହିତ୍ୟର କିଛି ମହତ୍ତ୍ୱ ନଥାଏ ବୋଲି ସେ ମନେ କରିଥିଲେ । ତାଙ୍କ ମତରେ କଳା ଓ ସାହିତ୍ୟ ସୌନ୍ଦର୍ଯ୍ୟ ଓ ଆନନ୍ଦ ପ୍ରଦାନ ଅପେକ୍ଷା ମନୁଷ୍ୟର ଉପଯୋଗରେ ଲାଗିବା ଆବଶ୍ୟକ । ତାଙ୍କର ଧାରଣା ଥିଲା ଯେ, ଯେଉଁ ବସ୍ତୁ ଉପଯୋଗୀ ତାହା ହିଁ ସୁନ୍ଦର । 'ଗୋଟିଏ ସ୍ୱର୍ଣ୍ଣଖଚିତ ଯଦି ଉପଯୋଗ ଦୃଷ୍ଟିରୁ ମହତ୍ତ୍ୱଶୂନ୍ୟ ହୋଇଥାଏ, ତେବେ ସେ ଯେତେ ଚକ୍‌ମକ୍ କଲେ ମଧ୍ୟ ଅସୁନ୍ଦର ହୋଇଥାଏ, ଅଥଚ ଗୋଟିଏ ଗୋବର ଭର୍ତ୍ତି ଟୋକେଇ ଯଦି କୌଣସି ଉପଯୋଗରେ ଲାଗୁଥାଏ, ତାକୁ ସୁନ୍ଦର ବୋଲି କୁହାଯାଇ ପାରିବ । ଅତଏବ ଶୁଦ୍ଧ ଉପଯୋଗିତା ଦୃଷ୍ଟିରୁ ସେ ସାହିତ୍ୟକୁ ବିଚାର କରିଥିଲେ । ଦୁର୍ଭାଗ୍ୟକୁ ଏହି ସମୟର ୟୁନାନୀ ସାହିତ୍ୟ କାମୋତ୍ତେଜକ ଓ ଭାବୋଦ୍ଦୀପକ ପ୍ରଧାନ ଥିଲା । ଏଣୁ ସାମାଜିକ ହିତ ଦୃଷ୍ଟିରୁ ଉପଯୋଗୀ ପ୍ରମାଣିତ ହେଉ ନଥିଲା; ଫଳତଃ ପ୍ଲାଟୋ ସାହିତ୍ୟ ବିରୋଧରେ ଅନେକ ଆକ୍ଷେପ କରିଥିଲେ, ଯାହା ନିମ୍ନରେ ବିଚାର କରାଗଲା ।

**ପ୍ରଥମ ଆକ୍ଷେପ : ମିଥ୍ୟାତ୍ୱ :**

ପ୍ଲାଟୋ ନିଜ ପୂର୍ବୋକ୍ତ ଦାର୍ଶନିକ ତତ୍ତ୍ୱ ଅନୁସାରେ କାବ୍ୟ ବା ସାହିତ୍ୟକୁ ମିଥ୍ୟା ଜଗତର ମିଥ୍ୟା ଅନୁଭୂତି ବୋଲି ପ୍ରମାଣିତ କଲେ । ତାଙ୍କ ବିଚାର ଅନୁସାରେ ସାହିତ୍ୟିକ ଯେଉଁ ବସ୍ତୁ, ବ୍ୟକ୍ତି ବା କ୍ରିୟାକଳାପକୁ ବର୍ଣ୍ଣନା କରିଥାଏ, ତାହା ପୂର୍ବରୁ ଏହି ଭୌତିକ ଜଗତରେ ରହିଛି, ସେ କେବଳ ତାର ଅନୁକୃତିକୁ ପ୍ରତିଫଳିତ କରିଥାଏ । ଏହି ଅନୁକୃତି ଦୁଇପ୍ରକାର ହୋଇଥାଏ । ପ୍ରଥମତଃ

ଚୌକିକୁ ଦେଖି ଚୌକି ବନେଇବା, ଦ୍ୱିତୀୟତଃ, ଅନୁକୃତି ଦ୍ୱାରା ଦ୍ୱିତୀୟ ଅନୁକୃତି ସୃଷ୍ଟି କରିବା । ଏହି ଦ୍ୱିତୀୟ ପ୍ରକାର ଅନୁକୃତି ଏକ ପ୍ରକାର ମିଥ୍ୟା ଏବଂ ଭ୍ରାମକ ଅନୁକୃତି ଅଟେ । ଚିତ୍ରକାର, କବି ଓ କଥାକାର ମଧ୍ୟ ଏମିତି ମିଥ୍ୟା ଅନୁକୃତି ତିଆରି କରିଥାନ୍ତି । ଏହାଠୁ ଅଧିକ ଦୁଃଖ ହେଉଛି ଯେ, ସାହିତ୍ୟିକମାନେ ଯେଉଁ ବସ୍ତୁଗୁଡ଼ିକର ଅନୁକୃତି ତିଆରି କରିଥାନ୍ତି, ସେଗୁଡ଼ିକ ସ୍ୱୟଂ ମିଥ୍ୟା । କାରଣ ସେମାନଙ୍କର ସତ୍ୟରୂପ କେବଳ ବୈଚାରିକ Idea ରୂପରେ ଅଲୌକିକ ଜଗତରେ ହିଁ ଥାଏ । ଏଭଳି ସ୍ଥିତିରେ ଜଣେ କଳାକାର ତାର ନକଲ କରି ବିରାଟ ଭୁଲ୍ କରିଥାନ୍ତି । ପ୍ଲାଟୋଙ୍କ ବିଚାରରେ ସାହିତ୍ୟିକମାନେ ମିଥ୍ୟା ଜଗତର ମିଥ୍ୟା ଅନୁକୃତି ପ୍ରସ୍ତୁତ କରୁଥିବାରୁ ସେମାନେ ପ୍ରଶଂସନୀୟ ନୁହନ୍ତି, ବରଂ ଦଣ୍ଡନୀୟ ।

**ଦ୍ୱିତୀୟ ଆକ୍ଷେପ : ଅମୌଳିକତା ଓ ଅଜ୍ଞାନତା :**

କବି ବା ଚିତ୍ରକର କୌଣସି କୃତି କରନ୍ତି ନାହିଁ, ବରଂ ଅନୁକୃତି କିମ୍ବା ପ୍ରତିକୃତି କରନ୍ତି । ତେଣୁ ପ୍ଲାଟୋ ତାଙ୍କ କୃତିକୁ ନେଇ ଅମୌଳିକତା ଏବଂ ଅଜ୍ଞାନତାର ଆରୋପ କରିଥିଲେ । ଜଣେ ମୋଚିର କାର୍ଯ୍ୟକୁ ଅନୁକରଣ କରି ଅନ୍ୟ ଜଣେ ମୋଚି ଯେତେବେଳେ ଯୋତା ତିଆରି କରେ, ତେବେ ତାକୁ ଅମୌଳିକ ତ କହିପାରିବା, କିନ୍ତୁ ଅଜ୍ଞାନୀ ବୋଲି କହିପାରିବା ନାହିଁ । କାରଣ, ଯେତେବେଳେ ପର୍ଯ୍ୟନ୍ତ ସେ ଯୋତା ବନେଇବାର ସବୁ ଜ୍ଞାନ ଲାଭ କରି ନାହିଁ, ସେତେବେଳେ ପର୍ଯ୍ୟନ୍ତ ଅନୁକୃତି ପ୍ରସ୍ତୁତ କରିପାରିବ ନାହିଁ । ମାତ୍ର ଚିତ୍ରକର ବା କବି ଉପରେ ଏକଥା ଲାଗୁ ହୋଇପାରିବ ନାହିଁ । ଯୋତାରେ କେଉଁ ଚମଡ଼ା ବ୍ୟବହାର କରାଯାଉଛି ଓ ତାହା କେଉଁଠି ଆସୁଛି, ତାର ଜ୍ଞାନ ନଥାଇ ମଧ୍ୟ ମୋଚି ଯୋତାର ପ୍ରତିବିମ୍ବ ପ୍ରସ୍ତୁତ କରିଥାଏ । ଏଭଳି ସ୍ଥିତିରେ କବିର ଜ୍ଞାନ ମୋଚିର ଜ୍ଞାନଠାରୁ ମଧ୍ୟ କମ୍ ହୋଇଥାଏ । ପୁଣି ମୋଚି ତିଆରି କରିଥିବା ଯୋତାକୁ ପିନ୍ଧି ଆପଣ ରାସ୍ତାରେ ଚାଲିପାରିବେ, କଣ୍ଟାରୁ ବଞ୍ଚିପାରିବେ, ଥଣ୍ଡା ଗରମରୁ ରକ୍ଷାପାଇପାରିବେ । ମାତ୍ର ଚିତ୍ରକର କିମ୍ବା କବିଙ୍କ ପ୍ରତିବିମ୍ବିତ ଯୋତାରେ ଏହା କରାଯାଇପାରିବ କି ? ଏହାର ଉପଯୋଗ କ'ଣ ? କାମରେ ନ ଆସିଲା ନାହିଁ, ଯୋତା କେମିତି ତିଆରି କରାଯାଏ ବା କୋଉଠି ମିଳେ ଏକଥା ମଧ୍ୟ ସେମାନଙ୍କୁ ଜଣାନଥାଏ । ପ୍ଲାଟୋଙ୍କ ଅନୁସାରେ କବି ଓ ଚିତ୍ରକରଙ୍କର ମହତ୍ତ୍ୱ ମୋଚି କିମ୍ବା ବଢ଼େଇଠାରୁ ମଧ୍ୟ କମ୍ । ପ୍ଲାଟୋଙ୍କ ଶବ୍ଦରେ- "ଜଣେ ଚିତ୍ରକର ମୋଚି, ବଢ଼େଇ ବା ଅନ୍ୟ କାରିଗରର କଳାରେ ସର୍ବଦା ଅନଭିଜ୍ଞ ହୋଇଥିଲେ ବି ତାଙ୍କ କାର୍ଯ୍ୟକୁ ଏଭଳି ଚିତ୍ରିତ କରିଦେଇଥାଏ ଯେ, ତାଙ୍କଠାରୁ ସରଳ ପ୍ରକୃତିର ଲୋକ ଅଥବା ଛୋଟପିଲାଙ୍କ ମନରେ ତାଙ୍କର ବାସ୍ତବିକ କାରିଗର ହେବାର ଭ୍ରମ ଉତ୍ପନ୍ନ ହୋଇଥାଏ । ଏହି ନ୍ୟାୟରେ କବି କେବଳ ନିଜେ ଅଜ୍ଞାନୀ ହୋଇନଥାଏ, ବରଂ ଅଜ୍ଞାନର ପ୍ରସାର କରିବାରେ ମଧ୍ୟ ସାହାଯ୍ୟ କରିଥାଏ ।

**ତୃତୀୟ ଆକ୍ଷେପ : ଅନୁପଯୋଗିତା :**

କବି ବା ସାହିତ୍ୟିକ ଅନୁକରଣ ମାଧ୍ୟମରେ ଯେଉଁ ସୃଷ୍ଟି ଗଢ଼ିଥାଏ, ତାହା କୌଣସି ଦୃଷ୍ଟିରୁ ମଧ୍ୟ ଉପଯୋଗରେ ଲାଗେ ନାହିଁ । ଏଣୁ ପ୍ଲାଟୋଙ୍କ ମତରେ କଳାତ୍ମକ ରଚନା ସମାଜ ପାଇଁ ସବୁବେଳେ ଅନୁପଯୋଗୀ ଅଟେ । କବିଙ୍କ ଦ୍ୱାରା ବର୍ଣ୍ଣିତ ବିଷୟକୁ କେବଳ ଜାଣିପାରିବ, କିନ୍ତୁ ତାହା ଜ୍ଞାନର ଅଭିବୃଦ୍ଧି କରିପାରିବ ନାହିଁ । ଏପରିକି ସେଥିରୁ ଶିକ୍ଷା କିମ୍ବା ଉପଦେଶ ମଧ୍ୟ ମିଳିପାରିବ ନାହିଁ । ଏଥିପାଇଁ ପ୍ଲାଟୋ କବିଙ୍କୁ ଚାଲେଞ୍ଜ ଦେଇ କହିଥିଲେ ଯେ, କବିତା ସମାଜ ପାଇ କ'ଣ ଉପକାର କରେ, ସେମାନେ ପ୍ରମାଣ କରନ୍ତୁ । ସେତେବେଳେ କବିମାନଙ୍କ ମଧ୍ୟରେ ଶ୍ରେଷ୍ଠ ବୋଲି କୁହାଯାଉଥିବା ହୋମରଙ୍କୁ ସେ ସମ୍ମାନ କରୁଥିଲେ ମଧ୍ୟ ଏହି ପ୍ରଶ୍ନ ପଚାରିଥିଲେ । ହୋମରଙ୍କୁ ପ୍ଲାଟୋଙ୍କ ପ୍ରଶ୍ନ ଥିଲା, ସେ ନିଜ ଲେଖା ମାଧ୍ୟମରେ କୌଣସି ବ୍ୟକ୍ତିଙ୍କୁ କେବେ ରୋଗମୁକ୍ତ କରିଛନ୍ତି କି ? x x x ତାଙ୍କ କାବ୍ୟର ଶ୍ରେଷ୍ଠ ବିଷୟ ହେଉଛି ଯୁଦ୍ଧ ସମ୍ବନ୍ଧୀୟ ବିଭିନ୍ନ ବ୍ୟୂହ ରଚନା ଓ ରାଜନୀତି ଶିକ୍ଷଣ ବିଧି । ତାହା କୌଣସି ଯୁଦ୍ଧ କିମ୍ବା ରାଜନୀତିରେ ସହାୟକ ହୋଇପାରିବ କି ? ତାଙ୍କ କାବ୍ୟର ସହାୟତାରେ କେଉଁ ରାଜ୍ୟରେ ଶ୍ରେଷ୍ଠ ଶାସନ ହୋଇ ପାରିଛି କି ? x x x ଯଦି ସର୍ବଜନୀନ ସେବାର କୌଣସି କାର୍ଯ୍ୟ ସମ୍ପନ୍ନ ହୋଇନାହିଁ, ତେବେ ବ୍ୟକ୍ତିଗତ ଭାବରେ ସେ କାହାର ଶିକ୍ଷକ କିମ୍ବା ମାର୍ଗଦର୍ଶକ ଥିଲେ କି ? x x x ବାସ୍ତବରେ ହୋମର ଯଦି ମନୁଷ୍ୟ ଜାତିର ଉନ୍ନତିରେ ସହାୟକ ହୋଇଥାନ୍ତେ, ତେବେ ତାଙ୍କର ପଦଚିହ୍ନକୁ ଦେଖି ଅନେକ ଶିଷ୍ୟ ସୃଷ୍ଟି ହୋଇ ତାଙ୍କୁ ସମ୍ମାନ ଜଣାଇବା ସହ ତାଙ୍କ ପରମ୍ପରାକୁ ଆଗକୁ ବଢ଼ାଇଥାନ୍ତେ ।" (ଗ୍ରୀକ୍ ସାହିତ୍ୟ ଶାସ୍ତ୍ର: ପୃ.୨୨-୨୩)

ଏହିଭଳି ପ୍ଲାଟୋ ହୋମରଙ୍କ ଭଳି କବିଙ୍କ ଅପେକ୍ଷା ଯିଏ କୌଣସି ଚିକିତ୍ସା କରି ରୋଗମୁକ୍ତ କରିପାରୁଥିବେ, ଯୁଦ୍ଧ ସମ୍ପର୍କିତ ଜ୍ଞାନ ପ୍ରଦାନ କରି ପାରୁଥିବେ ଅଥବା ରାଜ୍ୟର ଶାସନ ପ୍ରଣାଳୀରେ କୌଣସି ସଂସ୍କାର ଆଣିପାରୁଥିବେ ସେଭଳି ବ୍ୟକ୍ତିଙ୍କୁ ଅଧିକ ମହତ୍ତ୍ୱ ଦେଇଥିଲେ । ଅନ୍ୟ ଅର୍ଥରେ କୁହାଯାଇପାରେ ସେ କବିଙ୍କ ପାଖରେ କବିତ୍ୱ ନୁହେଁ, ବରଂ ଚିକିତ୍ସକ, ଯୋଦ୍ଧା, ନେତା ବା ଅଧ୍ୟାପକର ଗୁଣ ଖୋଜୁଥିଲେ, ଯାହା ସମାଜ ପାଇଁ ଉପଯୋଗ ହୋଇପାରିବ ।

**କବି : ଦୁର୍ବଳତା ଏବଂ ଅନାଚାରର ପୋଷାକ :**

ପ୍ଲାଟୋଙ୍କ ବିଚାରରେ କବି କେବଳ ଅନୁପଯୋଗୀ ଓ ମହତ୍ତ୍ୱଶୂନ୍ୟ ନୁହନ୍ତି, ବରଂ ସେ ସମାଜରେ ଦୁର୍ବଳତା ଓ ଅନାଚାର ପୋଷଣ କରିବାର ଅପରାଧ କରିଥାନ୍ତି । ତାଙ୍କ ମତରେ ଯେ କୌଣସି ସମାଜରେ ବା ରାଜ୍ୟରେ ଯେତେବେଳେ ସବୁ ବ୍ୟକ୍ତି ନିଜ ବାସନା ଓ ଭାବନାକୁ ନିୟନ୍ତ୍ରଣ ରଖି ବିବେକ ବୁଦ୍ଧି ଏବଂ ନୀତିଜ୍ଞାନ ଅନୁସାରେ ଚଳିବେ, ସେତେବେଳେ ସେଠାରେ ସତ୍ୟ,

ନ୍ୟାୟ ଏବଂ ସଦାଚାର ପ୍ରତିଷ୍ଠା ହୋଇପାରିବ । କିନ୍ତୁ କିଛି କବି ନିଜ ରଚନାରେ ବ୍ୟକ୍ତିଙ୍କ ବାସନା ଓ ଭାବନାକୁ ଉଦ୍‌ବେଳିତ କରି ଏହାର ବିପରୀତ କାମ କରିଥାନ୍ତି । ଏଭଳି ସ୍ଥିତି ବ୍ୟକ୍ତିକୁ କେବଳ ଦୁର୍ବଳ ଓ ଶକ୍ତିହୀନ କରିନଥାଏ, ବରଂ ତାକୁ କୁମାର୍ଗ ଦିଗରେ ଅଗ୍ରସର କରାଇଥାଏ । କବିତାରୁ ଆନନ୍ଦ ମିଳିଥାଏ, ଏକଥାକୁ ପ୍ଲାଟୋ ଅସ୍ୱୀକାର କରିନଥିଲେ ମାତ୍ର ତାଙ୍କର ପ୍ରଶ୍ନ ଥିଲା-ଏମିତି ଆନନ୍ଦରେ ଲାଭ କଣ, ଯାହା ଆମ ଭିତରେ ଦୁର୍ବଳତା ଓ ଦୁରାଚାର ପ୍ରବୃତ୍ତି ସଞ୍ଚାର କରେ ? ଏଥିପାଇଁ ସେ ସ୍ପଷ୍ଟ ଘୋଷଣା କରିଥିଲେ, ଯଦି ଆମେ ରାଜ୍ୟରେ ସତ୍ୟ, ନ୍ୟାୟ ଓ ସଦାଚାର ପ୍ରତିଷ୍ଠା କରିବାକୁ ଚାହାନ୍ତି, ତେବେ କବିତା ଓ କବିମାନଙ୍କୁ ରାଜ୍ୟରୁ ବହିଷ୍କାର କରିବା ଆବଶ୍ୟକ । ସେମାନେ ଯଦି ରାଜ୍ୟକୁ ଫେରିବା ପାଇଁ ଚାହିଁବେ, ତେବେ ତାଙ୍କ ପାଇଁ ଗୋଟିଏ ସର୍ତ୍ତ ରହିବ । ସର୍ତ୍ତ ହେଲା, ସେମାନେ ଯଦି ପ୍ରମାଣ କରିପାରିବେ, କବିତା କେବଳ ଆନନ୍ଦଦାୟକ ନୁହେଁ, ବରଂ ରାଜ୍ୟ ଏବଂ ମାନବ ସମାଜ ନିମନ୍ତେ ହିତକର, ତେବେ ସେମାନେ ରାଜ୍ୟକୁ ଫେରିପାରିବେ । ତେବେ କବିମାନଙ୍କ ନିଜ ବିଚାରପକ୍ଷ ନିଜ କବିତାରେ ନୁହେଁ, ଗଦ୍ୟରେ ବି କରିବାର ଅନୁମତି ଦିଆଯିବ ।

x x x

ଏହିଭଳି ପ୍ଲାଟୋ ନିଜର ଘୋର ଆଦର୍ଶବାଦିତା କାରଣରୁ କବିତାକୁ ପୂର୍ଣ୍ଣତଃ ବହିଷ୍କାର କରିଥିଲେ । ତେବେ ତାଙ୍କର ଆକ୍ଷେପ ସମ୍ପର୍କରେ ପୁନର୍ବିଚାର କଲେ ତାହା ନିରର୍ଥକ ମନେ ହୁଏ । କାରଣ କବିତା ବୌଦ୍ଧିକ ଆନନ୍ଦ ପ୍ରଦାନ କରିବା ସହିତ ଆମର ସାମାଜିକ ଚେତନାକୁ ପରିଷ୍କାର କରି ଆମକୁ ବ୍ୟକ୍ତିଗତ ସ୍ୱାର୍ଥରୁ, ବନ୍ଧନରୁ ଏବଂ ନିଜ ଅହଂକାରରୁ ମୁକ୍ତ କରିଥାଏ । କଳାତ୍ମକ, ସାମାଜିକ, ନୈତିକ ଏବଂ ଆଧ୍ୟାତ୍ମିକ ଆଦି ଦୃଷ୍ଟିକୋଣରୁ ଜୀବନ ଓ ଜଗତ ପାଇଁ ମୂଲ୍ୟବାନ ମନେ ହୋଇଥାଏ । ସଂକୀର୍ଣ୍ଣ ଦୃଷ୍ଟି ମନୋବୃତ୍ତି ସମ୍ପନ୍ନ କବି ଯଦି ବାସନା ଚରିତାର୍ଥ ନିମନ୍ତେ କିମ୍ବା ଅନୈତିକତା ସ୍ଥାପନା ନିମନ୍ତେ କବିତା ରଚନା କରିଥାନ୍ତି, ସେଥିରେ କବିତାର ଦୋଷ କ'ଣ ? ଯଦି ଜଣେ ମାଳି ଗୋଟିଏ ସୁନା ପିଆଲାରେ ଅମୃତ ସ୍ଥାନରେ ବିଷ ପରଷେ, ଏଥିରେ ପିଆଲାର ଦୋଷ କେଉଁଠି ?

ବେଳେବେଳେ କିଛି କବି ଯୁଗୀୟ ପ୍ରବୃତ୍ତିର ବଶବର୍ତ୍ତୀ ହୋଇ ବ୍ୟକ୍ତିଗତ ବାସନାକୁ କବିତା ମାଧ୍ୟମରେ ପ୍ରକାଶ କରିଥାନ୍ତି । ସେମାନେ କବିକର୍ମକୁ ଜୀବନର ଉଦାତ୍ତ ସାଧନା ଅପେକ୍ଷା କାମୁକ ଓ ବ୍ୟଭିଚାରର ରୂପ ଦେଇଥାନ୍ତି । ଏଭଳି ସ୍ଥିତିରେ କବିତା ଉଚ୍ଚ ସିଂହାସନରୁ ଓହ୍ଲାଇ ବଜାରର ଗଳିକନ୍ଦିରେ ଆସୀନ ହୋଇଯାଏ । ଦୁର୍ଭାଗ୍ୟବଶତଃ ପ୍ଲାଟୋ ମଧ୍ୟ ଏମିତି ଏକ ପରିବେଶ ମଧ୍ୟରେ ରହିଥିଲେ । ତେଣୁ ଏଭଳି ସ୍ଥିତିରେ ସେ କବିତାକୁ ନିର୍ବାସିତ କରିବା ସ୍ୱାଭାବିକ କଥା ।

କବିତାକୁ ଖରାପ କହିଲେ ମଧ୍ୟ ପ୍ଲାଟୋ ତା'ର ପ୍ରକୃତି ଏବଂ ପ୍ରକ୍ରିୟା ସମ୍ପର୍କରେ ଯେଉଁ ସଙ୍କେତ ଦେଇଥିଲେ, ତାହା ଅନେକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ।

ପ୍ରଥମତଃ ସେ କବିତାକୁ ଅନୁକୃତି ବୋଲି କହି କାବ୍ୟ ମୀମାଂସା କ୍ଷେତ୍ରରେ ଏମିତି ଏକ ସିଦ୍ଧାନ୍ତ ପ୍ରତିଷ୍ଠା କରିଥିଲେ ଯାହା ପରବର୍ତ୍ତୀ ଯୁଗରେ ବିକଶିତ ହୋଇ କାବ୍ୟସମୀକ୍ଷାର ଏକ ଆଧାର ଭାବେ ସ୍ୱୀକୃତି ଲାଭ କରିଥିଲା ।

ଦ୍ୱିତୀୟତଃ ସେ କାବ୍ୟାନୁଭୂତିର ସ୍ୱରୂପ ଆନନ୍ଦଦାୟକ ଏବଂ ଏହାର ଆଧାର ଭାବୋଜ୍ଜ୍ୱଳନକୁ ସ୍ୱୀକାର କରି ଆସ୍ୱାଦନ ପ୍ରକ୍ରିୟାରେ ଆଧାରଭୂତ ସୂତ୍ର ସ୍ଥାପନା କରିଥିଲେ ।

ଏହି ଦୃଷ୍ଟିରୁ ପ୍ଲାଟୋଙ୍କ ତତ୍ତ୍ୱ ଭାରତୀୟ ରସ ସିଦ୍ଧାନ୍ତର ଅନେକ ନିକଟବର୍ତ୍ତୀ । କାରଣ ଦୁହେଁ କାବ୍ୟାନୁଭୂତିକୁ ଭାବୋଦ୍ଦୀପକ ମାଧ୍ୟମରେ ଆନନ୍ଦାନୁଭୂତିର ଉପଲବ୍ଧି ବୋଲି ଦୁହେଁ ଗ୍ରହଣ କରିଛନ୍ତି । ତଥାପି ସେ ନିଜ ଯୁଗରେ କାବ୍ୟରେ ଘଟିଥିବା ଦୂଷିତ ପ୍ରବୃତ୍ତିର ପ୍ରଭାବ ଯୋଗୁଁ ସେ କବିତାକୁ ସନ୍ତୁଳିତ ଦୃଷ୍ଟିରେ ଦେଖିନଥିଲେ । ସତକହିଲେ, ସେ ମୂଳତଃ ସେ ଜଣେ କାବ୍ୟ ମୀମାଂସକ ନୁହନ୍ତି, ଜଣେ ଦାର୍ଶନିକ ଏବଂ ରାଜନୀତିକ । ତାଙ୍କର ସର୍ବୋଚ୍ଚ ଲକ୍ଷ୍ୟ ନିଜ ସ୍ୱପ୍ନର ଆଦର୍ଶ ଗଣରାଜ୍ୟ ପ୍ରତିଷ୍ଠା କରିବା । ଏଭଳି ସ୍ଥିତିରେ ସେ କବିତାକୁ ବହିଷ୍କାର କରିବା କଥା କହିଛନ୍ତି ଯାହା ସ୍ୱାଭାବିକ କଥା ।

ଅଧ୍ୟାପକ,ଓଡ଼ିଆ ବିଭାଗ
ବିଶ୍ୱଭାରତୀ, ଶାନ୍ତିନିକେତନ-୭୩୧୨୩୫ (ପଶ୍ଚିମବଙ୍ଗ)

ISSN -2583-147X (P), **Vol.- 9, Issue No.VII, October 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଊନବିଂଶ ଶତାବ୍ଦୀର ପତ୍ର-ପତ୍ରିକାରେ ଫକୀରମୋହନ

**ଡକ୍ଟର ଅରବିନ୍ଦ ଦାସ**

ଊନବିଂଶ ଶତାବ୍ଦୀ ଓଡ଼ିଶାର ପାରମ୍ପରିକ ସାଂସ୍କୃତିକ ଜୀବନଧାରାକୁ ବଦଳାଇବାକୁ ପ୍ରତିଶ୍ରୁତି ଦେଇଥିଲା । ଏହି ପ୍ରତିଶ୍ରୁତିକୁ କାର୍ଯ୍ୟକ୍ଷମ କରିବାକୁ ଖ୍ରୀଷ୍ଟିଆନ ମିଶନାରୀମାନଙ୍କ ଉଦ୍ୟମ ନିଶ୍ଚିତ ପ୍ରଶଂସନୀୟ । ମିଶନାରୀମାନଙ୍କ ଉଦ୍ୟମରୁ ତ ଆଧୁନିକ ଓଡ଼ିଶା ସମ୍ଭବ ଏବଂ ନୂତନ ସ୍ୱପ୍ନର ପରିକଳ୍ପନା । ଏମାନଙ୍କ ଦ୍ୱାରା ପ୍ରଥମକରି ଓଡ଼ିଶାରେ ମୁଦ୍ରିତ ପୁସ୍ତକ ଓ ଅନ୍ୟାନ୍ୟ ମୁଦ୍ରଣ ସାମଗ୍ରି ଦେଖିବାକୁ ମିଳିଥିଲା; ଏହି ପୁସ୍ତକ କଲିକତା ଅଦୂରବର୍ତ୍ତୀ ଶ୍ରୀରାମପୁର ମିଶନ ପ୍ରେସ୍‌ରୁ ମୁଦ୍ରିତ ହେଉଥିଲା । ପରେ ପରେ ଓଡ଼ିଶାରେ ୧୮୩୭ ମସିହାରେ 'ଓଡ଼ିଶା ମିଶନ ପ୍ରେସ' କଟକରେ ସ୍ଥାପିତ ହେଲା । କ୍ରମେ ବିଭିନ୍ନ ପୁସ୍ତକର ପ୍ରଚଳନ ଏବଂ ପ୍ରଥମ ମୁଦ୍ରିତ ଓଡ଼ିଆ ପ୍ରତ୍ରିକା 'ଜ୍ଞାନାରଣ'(୧୮୪୯) ର ପ୍ରକାଶନ ହେଲା । 'ପ୍ରବୋଧ ଚନ୍ଦ୍ରିକା' (୧୮୫୬), 'ଅରୁଣୋଦୟ' (୧୮୬୧) ଏହି ଦୁଇଟି ପତ୍ରିକା ମଧ ମିଶନାରୀମାନଙ୍କ ଫଳପ୍ରସୁତ । ଏମାନଙ୍କ ସାହାଯ୍ୟ,ସହଯୋଗ ଫଳରେ ଆଧୁନିକତାର ଆନୟନ କଲା ଓଡ଼ିଶା । ଫଳରେ ଶିକ୍ଷା, ସଂସ୍କୃତି, ରୀତିନୀତି ଓ ସାମାଜିକ ସଂସ୍କାରରେ ପରିବର୍ତ୍ତନ ଦେଖାଦେଲା । ଏହି ପରିବର୍ତ୍ତନରୁ ଓଡ଼ିଶାର କିଛି ଶିକ୍ଷିତ ମହଲ ବା ଗୋଷ୍ଠୀ ଓଡ଼ିଶାକୁ ସ୍ୱତନ୍ତ୍ର କରି ଗଢ଼ିବାକୁ ପ୍ରଚେଷ୍ଟା କଲେ । ଏହି ପ୍ରଚେଷ୍ଟାରୁ ପ୍ରଥମ କରି ଓଡ଼ିଆମାନଙ୍କ ଦ୍ୱାରା ଜନ୍ମ ନେଲା 'ଉତ୍କଳ ଦୀପିକା' (୧୮୬୬) ସାପ୍ତାହିକ ସମ୍ବାଦପତ୍ର । ପରେ ପରେ ଓଡ଼ିଶା ପରିମଣ୍ଡଳରେ ଦେଖା ଦେଇଛି 'ବୋଧଦାୟିନୀ ଓ ବାଲେଶ୍ୱର ସମ୍ବାଦ ବାହିକା' (୧୮୬୮), 'ଉତ୍କଳପୁତ୍ର' (୧୮୭୩), 'ଉତ୍କଳ ଦର୍ପଣ' (୧୮୭୩) 'ଉତ୍କଳ ମଧୁପ' (୧୮୭୮) 'ନବସମ୍ବାଦ' (୧୮୮୩) 'ଓଡ଼ିଆ' (୧୮୮୩) 'ଓଡ଼ିଆ ଓ ନବସମ୍ବାଦ'(୧୮୮୮), 'ସମ୍ବଲପୁର ହିତୈଷିଣୀ' (୧୮୮୯), 'ଉତ୍କଳ ପ୍ରଭା'(୧୮୯୧), 'ଇନ୍ଦ୍ରଧନୁ' (୧୮୯୩), 'ବିଜୁଳି' (୧୮୯୩) ଏବଂ 'ଉତ୍କଳ ସାହିତ୍ୟ' (୧୮୯୭) ଆଦି ଅନେକ ପତ୍ର-ପତ୍ରିକା । ଏହି ପତ୍ର-ପତ୍ରିକାର ପ୍ରଚଳନ ଫଳରେ ବହୁତ ସାହିତ୍ୟ ଓ ସାହିତ୍ୟିକ ସୃଷ୍ଟି ହେଲେ ଏବଂ ପରିଚିତି ପାଇଲେ । ଏହି ସାହିତ୍ୟିକମାନଙ୍କ ମଧ୍ୟରୁ ଫକୀରମୋହନ ସେନାପତିଙ୍କ ନାମକୁ ସ୍ମରଣ କରାଯାଇପାରେ ।

ଫକୀରମୋହନ ସେନାପତି ଊନବିଂଶ ଶତାବ୍ଦୀର ପତ୍ର-ପତ୍ରିକାରେ ଏକ ସ୍ୱତନ୍ତ୍ର ଅଲୋଡ଼ନ ସୃଷ୍ଟି କରିଥିଲେ । ତାଙ୍କ ଉଦ୍ୟମ ଓ ସଂପାଦନାରେ ବାଲେଶ୍ୱରରେ ମୁଦ୍ରାଯନ୍ତ୍ରର ପ୍ରତିଷ୍ଠା ଓ 'ବୋଧଦାୟିନୀ ଓ ବାଲେଶ୍ୱର ସମ୍ବାଦ ବାହିକା'ର ପ୍ରଚଳନ ହୋଇଥିଲା । ନିଜର ବ୍ୟକ୍ତିଗତ ଜୀବନ ଓ କର୍ମ ସଂସ୍ଥାନ ପାଇଁ ଫକୀରମୋହନ ଓଡ଼ିଶାର ବିଭିନ୍ନ ସ୍ଥାନକୁ ସ୍ଥାନାନ୍ତରିତ ହୋଇଛନ୍ତି । ଫଳରେ ନିଜର ଇଚ୍ଛା ଅପୂରଣୀୟ ରହିବାକୁ ବାଧ୍ୟ ହୋଇଛି । ତେଣୁ ସେ 'ବୋଧଦାୟିନୀ ଓ ବାଲେଶ୍ୱର ସମ୍ବାଦବାହିକା' କାହିଁକି ଓଡ଼ିଶାରେ ଅନେକ ଓଡ଼ିଆ ପତ୍ରପତ୍ରିକାକୁ ଆପଣେଇଛନ୍ତି । ଯେହେତୁ ସରକାରୀ କର୍ମଚାରୀ ଏବଂ କାଳେ ନିଜସ୍ୱ ଜୀବନ ଶୈଳୀକୁ ଅସୁବିଧା ପ୍ରକଟ କରିବ; ତେଣୁ ଅନେକ ସମୟରେ ତାଙ୍କୁ ବିଭିନ୍ନ ଛଦ୍ମ ନାମରେ ଦେଖିବାକୁ ମିଳେ । ବହୁ ସନ୍ଦେହ ଓ ସଂଭାବନା ଭିତରେ ଜଣେ ବାହିକା ପାଠକ, ଜଣେ ନିଦା ଓଡ଼ିଆ, ବିଚଳିତ ମତି ବୃଦ୍ଧ, ବୃଦ୍ଧଙ୍କ ଠାରୁ ପ୍ରାପ୍ତ, ଡୋମପଡ଼ା, ଜଣେ ବୃଦ୍ଧ, ପଞ୍ଚୁଚନ୍ଦ୍ର ଧୀରେନ୍ଦ୍ର ମହାନ୍ତି, ଶ୍ରୀ ପଞ୍ଚାନନ, ଶ୍ରୀବିଦେଶସ୍ଥ ବନ୍ଧୁ, ଜଣେ କୃତବିଦ୍ୟ ଲେଖକ, ବୁଲା ଫକୀର, ବିଦେଶସ୍ଥ ବନ୍ଧୁ, ଜଣେ କେହି, ଜଣେ ହରବୋଲା, ଧୂର୍ଜଟୀ, ଶ୍ରୀ, ଦରବାରୀ ଟାଉଟର, ଏମିତି କିଛି ଛଦ୍ମନାମ ଫକୀରମୋହନଙ୍କ ସହିତ ଯୋଡ଼ି ହୋଇଯାଏ । ଏହି ସବୁ ନାମକୁ ଭିତ୍ତିକରି ଊନବିଂଶ ଶତାବ୍ଦୀର କିଛି ପତ୍ରିକା ପୃଷ୍ଠାରୁ , କିଛି ବର୍ତ୍ତମାନର ଆଲୋଚନାରୁ ଫକୀରମୋହନଙ୍କୁ ଚିହ୍ନିବା ଓ ଚିହ୍ନେଇବାର ଆଉ ଏକ ସ୍ୱତନ୍ତ୍ର ପ୍ରୟାସ କରେ ଏହି ଆଲୋଚନା । ଏତଦ୍ ବ୍ୟତୀତ ଉକ୍ତ ଆଲୋଚନାର ପରିସର ଅଛି ଊନବିଂଶ ଶତାବ୍ଦୀ । ମାତ୍ର ଫକୀରମୋହନଙ୍କର ଅନେକ

ଲେଖା ବିଂଶ ଶତାବ୍ଦୀର ପ୍ରଥମ ଭାଗର କିଛି ପତ୍ର-ପତ୍ରିକାକୁ ଖୋରାକ ଯୋଗାଇଛି । ଏଗୁଡ଼ିକୁ ଏହି ଆଲୋଚନାରେ ସାମିଲ କରାଯାଇ ପାରିନାହିଁ ।

**ପତ୍ର-ପତ୍ରିକାରେ ଫକୀରମୋହନଙ୍କ ସୃଷ୍ଟି :**

ସମ୍ପାଦକ, କବି, ପ୍ରାବନ୍ଧିକ, ଗାଳ୍ପିକ ଓ ଔପନ୍ୟାସିକ ଭାବରେ ଊନବିଂଶ ଶତାବ୍ଦୀର ପତ୍ରପତ୍ରିକାରେ ଦେଖା ଯାଆନ୍ତି ଫକୀରମୋହନ ସେନାପତି ବିଭିନ୍ନ ନାମରେ । ଏହା ଛଡ଼ା ପାଠକୀୟ, ଲେଖକୀୟ ମତାମତରେ ଚିଠିପତ୍ର ବା ପ୍ରେରିତ ବା ପ୍ରାପ୍ତ ଆଦି ଶୀର୍ଷକରେ ଅନେକ ଲେଖାକୁ ଫକୀର ମୋହନଙ୍କର ବୋଲି ଦାବୀ କରାଯାଏ । 'ବୋଧଦାୟିନୀ ଓ ବାଲେଶ୍ୱର ସମ୍ବାଦ ବାହିକା'ର ଅପ୍ରାପ୍ତି ଏବଂ 'ବାଲେଶ୍ୱର ସମ୍ବାଦବାହିକା' (୧୮୭୨)ର ଭାଗ ସଂଖ୍ୟା, ତାରିଖ, ମାସ ଓ ବର୍ଷ ଫକୀରମୋହନଙ୍କ ସମ୍ବାଦ ପରିବେଷଣକୁ ଆଲୋଚନା କଲେ ନାନାବିଧ ବିଭ୍ରାନ୍ତି ଦେଖାଦିଏ । ଅନେକ ସମ୍ବାଦ ଏହି ସମୟରେ କହାଣୀଧର୍ମିତାକୁ ଆପଣେଇଥିଲା । ଏହି କହାଣୀର ବର୍ଣ୍ଣନା ଓ ଉପସ୍ଥାପନାକୁ ଲକ୍ଷ୍ୟକରି କିଛି ଲେଖାକୁ ଗଳ୍ପ ଭାବରେ ଗ୍ରହଣ କରାଯାଇପାରେ । ଏହି ଧରଣର ବହୁତ ଲେଖା ଫକୀରମୋହନଙ୍କର ବୋଲି ଅନୁମିତ । ଦୁର୍ଗା ପ୍ରସନ୍ନ ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, କଇଳାଶ ପଟ୍ଟନାୟକ, ଅରବିନ୍ଦ ଗିରି, ଦେବେନ୍ଦ୍ର କୁମାର ଦାଶ ଆଦି ଅନେକ ଗବେଷକ ଏହିଭଳି କେତକ ଗଳ୍ପକୁ ଫକୀରମୋହନଙ୍କର ବୋଲି ପରିଚିତି କରାଇଛନ୍ତି । ତେବେ ଊନବିଂଶ ଶତାବ୍ଦୀର ପରିସର ଭିତରେ ଆସୁଥିବା ଏ ଧରଣର ଗଳ୍ପ ବା କହାଣୀ ହେଉଛି – ଆଶ୍ଚର୍ଯ୍ୟ ସ୍ୱପ୍ନ (ବାଲେଶ୍ୱର ସମ୍ବାଦ ବାହିକା- ୯/୨୨ସଂଖ୍ୟା, ୧-୨-୧୮୭୭; ବନ୍ଧୁଙ୍କଠାରୁ ପ୍ରାପ୍ତ) ମୁହଁରେ ନିଆଁ (ବା.ସ.-୨୦/୪୫ ସଂଖ୍ୟା-୨୪-୧୧-୧୮୮୭ (ବନ୍ଧୁଙ୍କଠାରୁ ପ୍ରାପ୍ତ), ରେବତୀ (ଉତ୍କଳ ସାହିତ୍ୟ -୨/୧୦ ସଂଖ୍ୟା- ଅକ୍ଟୋବର-୧୮୯୮ ଏହା ଅବଶ୍ୟ କ୍ଷୁଦ୍ର ଗଳ୍ପ ଭାବରେ ସ୍ୱୀକୃତ) ଏବଂ କୁଳକୁନ୍ତଳା (ଉ.ସା-୩/୧୦ ସଂଖ୍ୟା-ଅକ୍ଟୋବର-୧୮୯୯ (ଧୂର୍ଜଟୀ) ଏଗୁଡ଼ିକୁ ଗଳ୍ପ ବା କହାଣୀ ଭାବରେ ସମାଲୋଚକ ଗ୍ରହଣ କରିଛନ୍ତି ।ଏମିତି ପୃଷ୍ଠଭୂମିରେ କେତେକ ଗଳ୍ପ କାହାଣୀ ଧର୍ମୀ, ସମ୍ବାଦ, ରହସ୍ୟ, ଚୂର୍ଣ୍ଣକ ବା ଆଖ୍ୟାୟିକାକୁ ମଧ୍ୟ ଫକୀରମୋହନଙ୍କର ବୋଲି ଗ୍ରହଣ କରାଯାଇ ପାରେ । ଯଥା ବାଲେଶ୍ୱର ସମ୍ବାଦ ବାହିକାରେ ବାହାରବାଟୀ (୧୬/୩୭ =୧୩/ ୧୯-୮୩) ହିତୋପଦେଶ ରହସ୍ୟ (୧୯/୧ = ୭-୧-୮୬ ) ନୀତିଶିକ୍ଷା ରହସ୍ୟ (୧୯/୩ = ୨୧-୧-୮୬) ଖୋସ ଗଳ୍ପ (୧୯/୭= ୧୮-୨-୮୬) ଓ ୧୯/୧୦=୧୧-୩-୮୬) ପୂଜା ରହସ୍ୟ (୧୯/୪୧=୨୮-୧୦-୮୬) ବଡ଼ ଦିନ (୨୦/୧=୬- ୧-୮୭) ବାଇନାଚ ଆହୁରି... (୨୦/୨=୨୦-୧-୮୭ ଓ ୨୦/ ୩=୨୦-୧-୮୭ ନବବର୍ଷ ରହସ୍ୟ (୨୦/୪=୨୦-୧-୮୭) ଆବିଷ୍କାର (୨୦/୪୯=୨୨-୧୨-୮୭), ସ୍ତାବକ (୨୦/ ୪୮=୧୩-୧୨-୮୮), ପରମାର୍ଥ ତତ୍ତ୍ୱ (୨୩/୪୨=୩୦- ୧୦-୯୦) ରତୁରାଜ ବସନ୍ତ (୨୦/୧୯=୭-୫-୯୧) ସ୍ମାର୍ତ୍ତ ଓ ବୈଷ୍ଣବ (୨୪/୨୦=୧୪-୫-୯୧), ବୀର ବଙ୍ଗାଳୀ (୨୪/ ୨୮=୯-୭-୯୧), ଗଣେଶ ଚତୁର୍ଥୀ (୨୪/୩୭=୧୦-୯- ୯୧) ଶ୍ରୀ ଶ୍ରୀ ଦୁର୍ଗାପୂଜା (୨୪/୪୨=୨୯-୧୦-୯୧) ମ୍ୟୁନିସିପାଲିଟି (୨୫/୨=୧୪-୧-୯୨), କେଦାର ନାଗର (୨୫/୩=୨୧-୧-୯୨)ମାନବ ତତ୍ତ୍ୱ (୨୫/୧୪=୨୮-୧- ୯୨) ଏବଂ କଳ୍ପନା ଜଳ୍ପନା (୨୫/୨୪=୧୬-୬-୯୨) ଆଦି ଅନେକ କାହାଣୀକୁ ଠାବ କରାଯାଇପାରେ । ଉପରୋକ୍ତ କାହାଣୀଗୁଡ଼ିକ ରହସ୍ୟ ଓ ପ୍ରାପ୍ତ ନାମରେ ମୂଳ ପ୍ରତ୍ରିକାରେ ପ୍ରକାଶ ପାଇଥିଲା । ମାତ୍ର, ଦେବେନ୍ଦ୍ର କୁମାର ଦାଶ ଫକୀରମୋହଙ୍କ ଗ୍ରନ୍ଥାବଳୀରେ ଏହାକୁ ପରିବର୍ତ୍ତନ କରି ନୂତନ ନାମ ଦେଇଛନ୍ତି । ଉଦାହରଣ ରୂପେ ବୀର ବଙ୍ଗାଳୀ ରହସ୍ୟ ନାମରେ ଥିଲା; ଦେବେନ୍ଦ୍ର ଦାଶ ଏହାକୁ ନୂତନ ନାମ ଦେଇଛନ୍ତି । ଏମିତି ବାହାର ବାଟୀ (ବନ୍ଧୁଙ୍କଠାରୁ ପ୍ରାପ୍ତ) ବାଇନାଚ ଆହୁରୀ... ବୁଲା ଫକୀର, ନବବର୍ଷର ରହସ୍ୟ-ଜଣେକେହି,ଆବିଷ୍କାର-ଜଣେ ହରବୋଲା ନାମରେ ପ୍ରଥମେ ପ୍ରକାଶ ପାଇଛି ।

'ଉତ୍କଳ ସାହିତ୍ୟ'ରେ 'ନନାଙ୍କ ପାଞ୍ଜି'- ପଞ୍ଚୁଚନ୍ଦ୍ର ଧୀରେନ୍ଦ୍ର ମହାନ୍ତି ନାମରେ ୨/୨ ସଂଖ୍ୟା, ଫେବୃଆରୀ-୧୮୯୮ ମସିହାରୁ ପ୍ରଥମ ମୁଦ୍ରିତ ହୋଇ ଧାରାବାହିକ ଭାବେ ପ୍ରକାଶିତ । ଠିକ ଏମିତି ଏହି ପତ୍ରିକାରେ 'ରଙ୍ଗରସ'- ଶ୍ରୀ ପଞ୍ଚାନନ ନାମକୁ ରଖି ୧/୫- ୬ ସଂଖ୍ୟା ଏପ୍ରିଲ, ମେ-୧୮୯୭ ରୁ ଶୁଭାରମ୍ଭ ହୋଇ ଧାରାବାହିକ ଭାବେ ମୁଦ୍ରିତ ହୋଇଛି । 'ଉତ୍କଳ ଦୀପିକା' -୧୫/୧୨ ସଂଖ୍ୟା ୨୯-୫-୮୦ ମସିହା ପ୍ରାପ୍ତ ସ୍ତମ୍ଭରେ ରହସ୍ୟ ଶୀର୍ଷକରେ ଏବଂ ଜଣେ କୃତବିଦ୍ୟ ଲେଖକ ନାମରେ ୨୦/୨୨=୩୦-୫-୧୮୮୫ ମସିହାରେ ପ୍ରକାଶ ପାଇଥିଲା । ଏଗୁଡ଼ିକ ଫକୀରମୋହନଙ୍କ ଲେଖା ବୋଲି ଅନୁମାନ କରାଯାଏ । ସେମିତି 'ସମ୍ବଲପୁର ହିତୈଷିଣୀ' ୪/୪୯ ସଂଖ୍ୟା, ୧୦-୫-୧୮୯୩ ରେ 'ବାଇମହାନ୍ତି ପାଞ୍ଜି' ପ୍ରକାଶ ପାଇଥିବା ଲକ୍ଷ୍ୟ କରାଯାଏ । ଏହା ମଧ୍ୟ ଫକୀରମୋହନଙ୍କର । ରହସ୍ୟ ନାମରେ'ଉତ୍କଳ ଦର୍ପଣ' ୧/୧, ୧/ ୨, ୧/୩, ୧/୪=୧୮୭୩ ସଂଖ୍ୟା ଗୁଡ଼ିକରେ ମଧ୍ୟ କାହାଣୀଧର୍ମିତା ପରିଲକ୍ଷିତ । ଖୋଜି ବସିଲେ ଏବଂ ଅନିସନ୍ଧିତ୍ସୁ ହେଲେ ଏମିତି ଅନେକ ଗଳ୍ପ ବା କାହାଣୀ ଫକୀର ମୋହନଙ୍କ କୃତୀ ଭାବରେ ପରିଚିତ ପାଇପାରେ । 'ଠକ ଅବଧାନ' , 'ବୋଧଦାୟିନୀ

ବାଲେଶ୍ୱର ସମ୍ବାଦବାହିକା' ୧/୬-ଜାନୁଆରୀ ୧୮୬୯ ରେ ପ୍ରକାଶ ପାଇଥିଲା । ଏଥିରେ କାହାଣୀଧର୍ମିତାର ପ୍ରାଧାନ୍ୟ ପାଇଛି । ଏହା ପୁନର୍ବାର 'ଉତ୍କଳ ଦୀପିକା' ୪/୧୦, ୬-୩-୧୮୬୯ ସଂଖ୍ୟାରେ ମୁଦ୍ରିତ ହୋଇଥିଲା । ଏହିପରି ବ୍ରାହ୍ମଣର ସ୍ତ୍ରୀ ବିକ୍ରୟ ଓ ପୁଲିସିମାନଙ୍କୁ ମିଆଜ୍, 'ବାଲେଶ୍ୱର ସମ୍ବାଦ ବାହିକା' ୪/୨୨ ୧-୬-୭୩ ସଂଖ୍ୟାରେ ଲୋକାର୍ପିତ ହୋଇଛି । ଏଗୁଡ଼ିକ ସମ୍ବାଦ ଭାବରେ ପ୍ରକାଶ ପାଇଥିଲେ ମଧ୍ୟ ଗଳ୍ପପରି ମନେ ହୁଏ । ଆଜି ବି ଫକୀରମୋହନଙ୍କ 'ଲଛମନିଆ' ଗଳ୍ପ ମିଳୁନାହିଁ । ମିଳୁ ନାହିଁ ମଧ୍ୟ ଫକୀରମୋହନ ନିଜେ ସ୍ୱୀକାର କରିଥିବା ତାଙ୍କ ପ୍ରବନ୍ଧ 'ନାରୀ ଜାତିର ପରିଧେୟ ପରିବର୍ତ୍ତନ' । 'ବାଲେଶ୍ୱର ସମ୍ବାଦ ବାହିକା'ରେ କେତେକ ସମ୍ବାଦ, ରହସ୍ୟ ଓ ପ୍ରସ୍ତାବକୁ ଅନୁଶୀଳନ କଲେ ଏହାକୁ ପ୍ରବନ୍ଧ ଭଳି ଅବବୋଧ କରାଯାଇପାରେ । ଏହି କ୍ରମେ କିଛି ଲେଖାକୁ ଫକୀର ମୋହନଙ୍କର ପ୍ରବନ୍ଧ ରୂପେ ବିବେଚନା କରାଯାଏ । ଏହାର ଏକ ସଂକ୍ଷିପ୍ତ ପରିଚୟ ବା ବିବରଣୀ ନିମ୍ନରେ ପ୍ରଦତ୍ତ ।

'ପ୍ରଥମେ ବାଲେଶ୍ୱର ସମ୍ବାଦ ବାହିକା'ରେ କିଛି ପ୍ରବନ୍ଧକୁ ଲକ୍ଷ୍ୟ କରାଯାଉ । ଯଥା- 'ମନ୍ଦିର ମାନଙ୍କରେ କୁତ୍ସିତ ମୂର୍ତ୍ତି' (୩/୭=୧୬-୧୦-୭୨) 'ଗଡ଼ଜାତର ରାଜାମାନେ' (୭/୧=୧-୮-୭୪) 'ଉଡ଼ିଶ୍ୟାର ଆଧୁନିକ ଅବସ୍ଥା' (୭/୨=୧୬-୮-୭୪) 'ଆୟଦେଖି କର ବୟେ ପଛକୁ କାଳେ ଟାଣଟୁଣ ହୁଏ' (୭/୧୧=୧-୨-୭୫), 'ସୂର୍ଯ୍ୟ' (୭/୧୨=୧୬-୮-୩୪) 'ବ୍ରହ୍ମାଣ୍ଡ'(୭/୧୪=୧୬-୩-୭୫) 'ବାହା ବିବାଦ' (ଆରମ୍ଭ-୭/୨୨=୧୬-୭-୩୫ ଧରାବାହିକ ଭାବେ), 'ଆମ୍ଭମାନଙ୍କର କବିରାଜ' (୮/୧୩=୧୬-୨-୭୬) 'ପୃଥକ ନହୁଅ'(୧୦/୧୩=୧-୯-୭୭), 'ନୁଖିଲା ମୁଣ୍ଡ କାହୁଁ ତେଲିଆ ହେବ?' (୧୦/୬=୧-୧୧-୭୭) 'କୃଷି ବାଣିଜ୍ୟ ଦ୍ୱାରା ଦେଶର ଉନ୍ନତି ହୁଏ, ଚାକିରୀ ଦ୍ୱାରା ନୋହେଁ'(୧୩/୫୦=୧୬-୧୨-୮୦ ରୁ ଆରମ୍ଭ, ଧାରାବାହିକ), 'ଧୂମକେତୁ' (୧୪/୩୭=୧୫-୯-୮୧, ଧାରାବାହିକ), 'ନିମ୍ନ ଶିକ୍ଷା ସମ୍ବନ୍ଧୀୟ ଗୋଟିଏ ପରାମର୍ଶ'(୧୬/୬ = ୮-୨-୮୩), 'ପ୍ରକୃତ ଏକତା କାହାକୁ କହନ୍ତି' (୧୬/୨୨=୩୧-୫-୮୩), 'ଓଡ଼ିଶାର ବର୍ତ୍ତମାନ ଅବସ୍ଥା' (୧୭/୩୧ = ୩୧-୭-୮୪, ଧାରାବାହିକ), 'ଢେଙ୍କାନାଳର କି ଦୁର୍ଦ୍ଦଶା' (୧୮ / ୩୮=୧୬-୯-୮୫), 'ଓଡ଼ିଶ୍ୟାର ଦହିଚୁଡ଼ାଖିଆ ବ୍ରାହ୍ମଣ' (୨୨/୧୧=୧୪-୩-୮୯), 'ଶାକ୍ୟ ସିଂହଳ ସ୍ତ୍ରୀ ଗୋପା'(୨୨/୧୭= ୨୫-୪-୮୯), 'ଜାତି ସଂସ୍କାର ଆନ୍ଦୋଳନ' (୨୨/୨୯=୧୮-୭-୮୯), 'ସ୍ୱଭାବ ଓ ଦଣ୍ଡ' (୨୨/୪୯=୧୯-୧୨-୮୯), 'ମିଳନ' (୨୩/୧୦=୬-୩-୯୦ ଓ ୨୩/୧୨=୨୦-୩-୯୦), 'ଇଂରାଜୀ ଶିକ୍ଷା' (୨୩/୧୫=୧୦-୪-୯୦; ଏହାର ଶୀର୍ଷକ ନଥିଲା; ଦେବେନ୍ଦ୍ର କୁମାର ଦାଶ ଏହି ଶୀର୍ଷକଟି ଦେଇଛନ୍ତି), 'ଆଶ୍ଚର୍ଯ୍ୟ ଉପଚିକୀର୍ଷା' (୨୩/୧୭=୨୪-୪-୯୦), 'ହିନ୍ଦୁମାନଙ୍କର ଉପନିବେଶ '(୨୪/୯=୨୬-୨-୯୧ ରୁ ଆରମ୍ଭ ଧାରାବାହିକ), 'ବିଦ୍ୱେଷ ଓ ଭକ୍ତି'(୨୪/୪୩=୫-୧୧-୯୧) ଏବଂ 'କାବୁଲୀ ହିନ୍ଦୁ' (୨୫/୩୮ = ୨୨-୯-୯୨) ଆଦି ଲେଖାଗୁଡ଼ିକ 'ବାଲେଶ୍ୱର ସମ୍ବାଦବାହିକା'ର ପୃଷ୍ଠାକୁ ପରିପୁଷ୍ଟ କରିଥିଲା ।

'ଢେଙ୍କାନାଳର କି ଦୁର୍ଦ୍ଦଶା' 'ଉତ୍କଳ ଦୀପିକା'ର ୨୦/୩୭ ସଂଖ୍ୟା ତା-୧୨-୯-୧୮୮୫ ପ୍ରକାଶ ପାଇଲା ; ଏହା ପୂର୍ବରୁ 'ବାଲେଶ୍ୱର ସମ୍ବାଦ ବାହିକା'ରେ ମଧ୍ୟ ପ୍ରକାଶ ପାଇଥିଲା । 'ଇନ୍ଦ୍ରଧନୁ' ୪/୪ ସଖ୍ୟା ଜୁନ୍ ୧୮୯୭ରେ 'ଦେଶୀୟ ସାହିତ୍ୟୋନ୍ନତି' ମୁଦ୍ରିତ ରୂପ ମଧ୍ୟ ପରିଲକ୍ଷିତ; ଆନୁମାନିକତାରେ ଏହା ମଧ୍ୟ ଫକୀରମୋହନଙ୍କର । ଏହିପରି 'ଉତ୍କଳ ସାହିତ୍ୟ'ରେ 'ଯୋଗ ଶାସ୍ତ୍ର' (୧/୭ ସଂଖ୍ୟା ରୁ ଆରମ୍ଭ, ଧାରାବାହିକ ) ଓ 'ଉତ୍କଳ ଭାଷାର ଭୂତ ଭବିଷ୍ୟତ' (୩/୧୨-ଡିସେମ୍ବର୧୮୯୯) ରେ ପ୍ରକାଶ ପାଇଛି । 'ଭ୍ରମଣ କାରୀର ପତ୍ର''ବାଲେଶ୍ୱର ସମ୍ବାଦ ବାହିକା'ରେ ୨-୪-୮୬ ସଂଖ୍ୟାରୁ ଧାରାବାହିକ ଭାବେ ପ୍ରକାଶିତ । ଏହାକୁ ପ୍ରବନ୍ଧ ଭାବେ ଗ୍ରହଣ କରାଯାଇପାରେ । 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ 'ନନାଙ୍କ ପାଞ୍ଜି' (୨/୨- ଫେବୃଆରୀ ୧୮୯୮) ମଧ୍ୟ ସ୍ୱତନ୍ତ୍ର ଧରଣର ପ୍ରବନ୍ଧ ଭାବେ ଦାବି ଉପସ୍ଥାପନ କରେ । 'ବାଇ ମହାନ୍ତି ପାଞ୍ଜି' 'ସମ୍ବଲପୁର ହିତୈଷିଣୀ' ୪/୪୯ ସଂଖ୍ୟା ୧୦-୫-୯୩ ରେ ମୁଦ୍ରିତ ହୋଇଥିଲା; 'ରଙ୍ଗରସ' ଉତ୍କଳ ସାହିତ୍ୟରେ ପ୍ରକାଶ ପାଇଥିଲା; ଏଗୁଡ଼ିକୁ ପ୍ରବନ୍ଧ ଭାବେ ଆକଳନ କରାଯାଇ ପାରେ । ଏହା ଛଡ଼ା 'ଉତ୍କଳ ସାହିତ୍ୟ'ରେ 'ସମାଲୋଚନା' (୩/୧=୧୮୯୯ ଓ 'ସିରାଜ ଉଦୌଲାଙ୍କ ଚାଟଶାଳୀ ଓ ଗୁରୁ ଦକ୍ଷିଣା' (୩/୭ = ୧୮୯୯) ଏହି ଦୁଇଟି ଲେଖା ପ୍ରବନ୍ଧ ଭାବରେ ଭିନ୍ନ ସ୍ୱାଦ ସୃଷ୍ଟି କରେ ।

ଚିଠି ବା ପତ୍ରରେ ଫକୀର ମୋହନ ସେନାପତିଙ୍କୁ ଦେଖାଯାଇପାରେ । ଊନବିଂଶ ଶତକର ପତ୍ର-ପତ୍ରିକାରେ ପ୍ରକାଶିତ ପ୍ରାପ୍ତ, ପ୍ରାପ୍ତି ସ୍ୱୀକାର, ପ୍ରେରିତ ପତ୍ର ଏମିତି କିଛି ଶୀରୋନାମାରେ ପାଠକୀୟ, ଲେଖକୀୟ ସୁସଂର୍ପକ ଗଢ଼ିବାର ପ୍ରୟାସ କରାଯାଇଥିଲା ତାହା ନୁହେଁ ବରଂ ବିଭିନ୍ନ ଦୋଷତ୍ରୁଟି, ସୂଚନା, ସମ୍ଭାବନା ସଂର୍ପକରେ ଉଭୟ ଗୋଷ୍ଠୀଙ୍କୁ ସଚେତନ କରାଇବାକୁ ସ୍ପର୍ଦ୍ଧା ରଖିଥିଲା । ଏଗୁଡ଼ିକ ଉଭୟ ଗଦ୍ୟ ଓ ପଦ୍ୟ ଧର୍ମୀ ଭାବେ ପ୍ରକାଶ ପାଇଛି । ଗଦ୍ୟ ଭିତ୍ତିରେ କିଛି ଏହି ଧରଣର ଲେଖା ପ୍ରବନ୍ଧ ଭାବର ପରିଲକ୍ଷିତ । ଏହି ପାଠକୀୟ ମତାମତ ଓ ଲେଖକମାନଙ୍କ ଅଭିମତରେ ଫକୀର ମୋହନଙ୍କର କେତେକ ଲେଖାକୁ ପ୍ରବନ୍ଧ

ଭାବେ ପରିଚିତି କରାଯାଇପାରେ । 'ବାଲେଶ୍ୱର ସମ୍ବାଦ ବାହିକା' ରେ ପ୍ରକାଶିତ 'ଋତୁରାଜ ବସନ୍ତ' (୨୪/୧୯=୭-୫-୯୧) ଏହି ପର୍ଯ୍ୟାୟରେ ନିଆଯାଇପାରେ । ଓଡ଼ିଆ ଭାଷାକୁ ବଞ୍ଚାଇବା ପାଇଁ ପାଠ୍ୟପୁସ୍ତକ ରଚନା ସମ୍ପର୍କରେ ଏକ ପତ୍ର ଫକୀର ମୋହନଙ୍କର 'ଉତ୍କଳ ଦୀପିକା' ଜୁଲାଇ ୪ତାରିଖ ୧୮୬୮ ମସିହାରେ ମୁଦ୍ରିତ ।

'ମଠର ସମ୍ବାଦ'(ପ୍ରଦୀପ-୧/୧ ସଂଖ୍ୟା- ଜାନୁଆରୀ ୧୮୮୫ରୁ ଧାରାବାହିକ ଭାବେ ଆରମ୍ଭ) ଓ 'ଅନାଥିନୀ' (ପ୍ରଦୀପ-୧/୪ ସଂଖ୍ୟା -୧୮୮୫ରୁ ଧାରାବାହିକ ରୂପେ ଆରମ୍ଭ) ଉପନ୍ୟାସ ଦୁଇଟି 'ଶ୍ରୀ' ଛଦ୍ମ ନାମରେ ପ୍ରକାଶିତ । ଏହାକୁ ବିତର୍କ ଭାବେ ଫକୀର ମୋହନଙ୍କର ବୋଲି ଅନୁଶୀଳନ କରାଯାଉ ଅଛି । କୃଷ୍ଣ ଚରଣ ବେହେରା ଏହି ଲେଖାକୁ ଫକୀର ମୋହନଙ୍କର କହିଲା ବେଳେ ଶ୍ରୀନିବାସ ମିଶ୍ର , ବ୍ରହ୍ମାନନ୍ଦ ସିଂହ ଓ ପଠାଣି ପଟ୍ଟନାୟକ ଫକୀରମୋହନଙ୍କର ନୁହେଁ ବୋଲି କିଛି ଯୁକ୍ତି ଉପସ୍ଥାପନ କରିଛନ୍ତି । 'ଛ ମାଣ ଆଠଗୁଣ୍ଠ' ଉପନ୍ୟାସଟି ଉତ୍କଳ ସାହିତ୍ୟ ୧/୧୦ ସଂଖ୍ୟାରେ ଶ୍ରୀଯୁକ୍ତ ଧୂର୍ଜଟୀ ନାମରେ ପରିଚିତି ପାଇଛି ।

'ଇନ୍ଦ୍ରଧନୁ' ପତ୍ରିକାରେ 'ହସି ହସି ଗଲା ମୋତେ କନ୍ଦାଇ କନ୍ଦାଇ' (୨/୭ ସଂଖ୍ୟା -ଜାନୁଆରୀ ୧୮୯୫), 'ସମାଧିକ୍ଷେତ୍ର' ଓ 'ଦାନ ନିର୍ବାଣ' (୨/୮ ସଂଖ୍ୟା ଫେବୃଆରୀ ୧୮୯୫) କବିତାଗୁଡ଼ିକ 'ଡୋମପଡ଼ା' ନାମରେ ପ୍ରକାଶ ହୋଇଥିଲେ ମଧ ଏଗୁଡ଼ିକ ଫକୀରମୋହନଙ୍କର । ଏହି କବିତାଗୁଡ଼ିକ 'ଉପହାର' କବିତା ସଂକଳନରେ ପୁନଶ୍ଚ ପ୍ରକାଶ ପାଇଛି । ୧୮୯୭ ମସିହାରେ ପ୍ରକାଶିତ 'ଉତ୍କଳ ସାହିତ୍ୟ' ପ୍ରଥମ ବର୍ଷ ପ୍ରଥମ ସଂଖ୍ୟାରେ 'ଭଗ୍ନ ଶିବ ମନ୍ଦିର ' ନାମରେ ଏକ କବିତା ଶ୍ରୀ ଫକୀର ମୋହନ ସେନାପତି ନାମରଖି ପ୍ରକାଶ ପାଇଛି ।

**ପତ୍ର-ପତ୍ରିକାରେ ଫକୀର ମୋହନଙ୍କର ରଚନାର ସ୍ୱରୂପ :**

ଗଦ୍ୟ ଓ ପଦ୍ୟ ଉଭୟ ଦିଗରେ ଫକୀରମୋହନଙ୍କ ହସ୍ତଚାଳନା ଊନବଂଶ ଶତାବ୍ଦୀର ପତ୍ର-ପତ୍ରିକା ପୃଷ୍ଠାକୁ ପରିପୃଷ୍ଟ କରିଛି । ପଦ୍ୟ ଭିତରେ କବିତା କ୍ଷେତ୍ରରେ ଫକୀରମୋହନଙ୍କର ପ୍ରୟାସ ଖୁବ୍ ବେଶି ନହେଲେ ବି କମ୍ ନୁହେଁ; ଏହି ପତ୍ର-ପତ୍ରିକା ପୃଷ୍ଠାରେ । କବିତା ଗ୍ରନ୍ଥ ଯଦିଓ ଏହି ଶତାବ୍ଦୀରେ ଫକୀର ମୋହନଙ୍କର ପ୍ରକାଶ ପାଇ ସାରିଛି, ସେଗୁଡ଼ିକ ପତ୍ରପତ୍ରିକାରେ ପ୍ରକାଶ ପାଇନଥିଲା । ତେବେ ପତ୍ରପତ୍ରିକାରେ ପ୍ରକାଶିତ ଫକୀରମୋହନୀୟ କବିତାଗୁଡ଼ିକ ଆଧୁନିକତାର ଝଲକରେ ପ୍ରାଚୀନ ଧାରାକୁ ଅସ୍ୱୀକାର କରିନାହିଁ । ରାଗ ରାଗିଣୀ ଓ ଛନ୍ଦର ସମନ୍ୱୟକୁ ଫକୀରମୋହନଙ୍କ କବିତା ଧରି ରଖିବାର ଆସ୍ପର୍ଦ୍ଧା ରଖେ । ଏଠାରେ 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ 'ଭଗ୍ନ ଶିବ ମନ୍ଦିର' କବିତାକୁ ଲକ୍ଷ୍ୟକଲେ ରସକୁଲ୍ୟା ରାଗିଣୀରେ କବିତାଟି ଝଙ୍କୃତ । ଉଦାହରଣ ସ୍ୱରୂପ -

"ବୋଲ ଶିବାଳୟ ବୋଲ ସ୍ୱରୂପ,
କେ କଲା ଏ ରୂପ କୁତ୍ସିତ ରୂପ ।
ନିର୍ଜନ ପ୍ରାନ୍ତରେ ରହିଛ ଉଭା,
ନାହିଁତ ଗୌରବ ପୂରବ ଶୋଭା ।
ପୂଜା ପାଇଁ ଶଙ୍କରଙ୍କୁ,
କେବେ କେହି ଭକ୍ତ ସେବା ଅନୁରକ୍ତ
ଆସୁଥିଲେ ଏ ସ୍ଥାନକୁ ? ୧ ।
ଶିବ ଚତୁର୍ଦ୍ଦଶୀ ନିଶିରେ ବସି,
ଦୀପାବଳୀ ଜାଳି ଗ୍ରାମ ରୂପସୀ ।
ହୁଳହୁଳି ଦେଇ ଶଙ୍ଖ ବଜାଇ,
ବସିଥାନ୍ତି ଉଜାଗରେ ଥାଇ ।
କରୁଥିଲେ କିଣାବିକା,
ଚଣା ଭୁଜା ଚୂଡ଼ା ମିଠାଇ ଉଖୁଡ଼ା
ଦୋକାନୀ କରି ଜୀବିକା ।୩ ।"[୧]

'ଇନ୍ଦ୍ରଧନୁରେ' ପ୍ରକାଶିତ କବିତାଗୁଡ଼ିକ କରୁଣ ରସର କାରୁଣ୍ୟଭରା ସଂଗୀତରେ ନିଜ ଜୀବନର ଗାଥା ଗାଇଥିବା ପରି ମନେ ହୁଏ । କବିଙ୍କ ଭାଷାରେ:-

"ଜୀବନ ପ୍ରଭାସେ ମୋର ବିଭାଷ ରାଗିଣୀ
ଦାରୁଣ ନିଦାଘେ ପୂଣ୍ୟତୋୟା ତରଙ୍ଗିଣୀ
ଦରିଦ୍ର ପରଶମଣୀ କେ ନେଲା ଛଡ଼ାଇ
ହସିହସି ଗଲା ମୋତେ କନ୍ଦାଇ କନ୍ଦାଇ" ।[୨]

ଆଧୁନିକ ଗଦ୍ୟର ପ୍ରକୃତ ଓଡ଼ିଆ ଓଡ଼ିଆର ବାସ୍ନା ଫକୀରମୋହନଙ୍କ ରଚନାରୁ ହିଁ ଅଧିକ ଲକ୍ଷ୍ୟ କରାଯାଏ । ତେବେ ଊନବିଂଶ ଶତାବ୍ଦୀର ପତ୍ରପତ୍ରିକାରେ ସମ୍ବାଦ ପରିବେଷଣ, ସଂପାଦକୀୟ, ଚିଠିପତ୍ର, ଗଳ୍ପ, ଉପନ୍ୟାସ, ଆଲୋଚନା ଏବଂ ପ୍ରବନ୍ଧ ଏମିତି ବହୁବିଧ ବିଭାଗରେ ଫକୀରମୋହନ ସିଦ୍ଧହସ୍ତ । ଏହିସବୁ ବିଭାଗ ଗଦ୍ୟରେ ଫକୀରମୋହନ ଊନବିଂଶ ଶତାବ୍ଦୀ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଜୀବନର ବାସ୍ତବ ଚିତ୍ର ପ୍ରଦାନ କରିଛନ୍ତି । ଗଳ୍ପ ଓ ଉପନ୍ୟାସରେ ଏକ ଐତିହାସିକ ଓ ଓଡ଼ିଶାର ଜନଜୀବନର କଥାକୁ ସୁନ୍ଦର ଓ ଚମତ୍କାର ଢଙ୍ଗରେ ଉପସ୍ଥାପନା କରିଛନ୍ତି । କଥନ ଭଙ୍ଗୀର ସ୍ପଷ୍ଟତା ପାଠକ ଏବଂ ଶ୍ରୋତାଙ୍କୁ ଗଳ୍ପର ଚରିତ୍ର ସହିତ ମିଶିଯିବାକୁ ପ୍ରବୋଧିତ କରେ । 'ମଠର ସମ୍ବାଦ'ରେ ଊନବିଂଶ ଶତାବ୍ଦୀର କଥନ ଭଙ୍ଗୀକୁ ଲକ୍ଷ୍ୟ କରାଯାଉ । ଯଥା-

"ଧର୍ମଦାସ ବାବାଜୀ ବଡ଼ ବିଜ୍ଞ ଲୋକ, ଅନେକ ଦେଶ ଭ୍ରମଣ କରି ଅଛନ୍ତି, ଇଂରାଜୀ ଜାଣନ୍ତି, ସଂସ୍କୃତରେ ମଧ୍ୟ ଅଧିକାର ମନ୍ଦ ନୁହେଁ । ଲୋକଟା ବଡ଼ ଆମୋଦୀ, ସେଥିପାଇଁ ଅନେକ ଲୋକ ମଠକୁ ଯିବା ଆସିବା କରନ୍ତି, ସନ୍ଧ୍ୟା ସମୟ, ବାବାଜୀ ଖଣ୍ଡିଏ କାଷ୍ଠାସନରେ ଉପବିଷ୍ଟ, ଅନ୍ୟାନ୍ୟ ଭଦ୍ରଲୋକ ପ୍ରାୟ ୨୦ ଜଣ ସରିକି ଚାରିପାଖରେ ବେଢ଼ି ବସିଅଛନ୍ତି । ନାନା ପ୍ରକାର ଗପ ଲାଗିଅଛି । ସେମାନଙ୍କ ମଧ୍ୟରୁ ଜଣେ କହିଲେ; ବାବାଜି ! କାଲି ଗୋଟିଏ ଭାରି ସଭା ହୋଇଥିଲା । ବକ୍ତା ଜଳଦଗମ୍ଭୀର ସ୍ୱରରେ କହିଲେ, ବର୍ତ୍ତମାନ ଭାରତ ଉନ୍ନତି ସୋପାନରେ ଆରୋହଣ କରୁଅଛି, ଅତଏବ ଭାତୃବର୍ଗ ଆସ, ଆଜି ଆମ୍ଭେମାନେ ଜୟନାଦରେ ପୃଥିବୀ କମ୍ପିତ କରିବା । ବାବାଜି ! ଏମନ୍ତ ଶୁଭ ଦିନରେ କି ଆମ୍ଭମାନଙ୍କ ମଠ ନୀରବ ରହିଥିବ ? ଘୋର ଜୟଧ୍ୱନୀରେ ଆମ୍ଭମାନଙ୍କ ମଠକୁ କମ୍ପିତ କରିବା ଉଚିତ ।"(୩) 'ଛମାଣ ଆଠଗୁଣ୍ଠ'ର ଗଦ୍ୟ ସହିତ ପ୍ରାୟତଃ ଅଧିକାଂଶଙ୍କର ପରିଚିତି ଅଛି । ସେମିତି 'ଭ୍ରମଣକାରୀର ପତ୍ର' 'ବାଲେଶ୍ୱର ସମ୍ବାଦ ବାହିକା' ୧୭/୪୪ ତା-୨୩-୧୧-୧୮୮୪ ସଂଖ୍ୟାରୁ ଦେଖିବାକୁ ମିଳୁଛି । ଏହା ଧାରାବାହିକ ଭାବେ ଅନେକ ସଂଖ୍ୟାରେ ପ୍ରକାଶ ପାଇଛି ।

ଫକୀରମୋହନଙ୍କ ଗଳ୍ପର ଚରିତ୍ର ପାଠକଙ୍କ ସହିତ କଥାବାର୍ତ୍ତା କରନ୍ତି । ବେଳେବେଳେ ନୀରବରେ ଅଶ୍ରୁ ବୁହାଇ ଦିଅନ୍ତି । ପୁଣି କେତେବେଳେ ହସାଇ ହସାଇ ବେଦମ୍ କରିଦିଏ ଗଳ୍ପର କଥାଭାଗ ବା କାହାଣୀ । ଓଡ଼ିଶାର ପାଣି-ପବନ, ରୀତି-ନୀତି, ଚାଲି-ଚଳଣୀ, ଆଚାର-ବେଭାରକୁ ଗଳ୍ପରେ ପ୍ରକଟନ କରି ଓଡ଼ିଶାବାସୀଙ୍କୁ ଚମକେଇଛନ୍ତି ଫକୀରମୋହନ । ଫକୀରମୋହନୀୟ ଗଳ୍ପଗୁଡ଼ିକ ସ୍ୱପ୍ନ ଦେଖାଇଛି, ସାଂସ୍କୃତିକ ଜୀବନର କଥା କହିଛି, ନୀତିଶିକ୍ଷାରୁ ବାଇନାଚ ପର୍ଯ୍ୟନ୍ତ ପାଠକ ମହଲରେ ସ୍ୱତନ୍ତ୍ର ଦାବୀ କରିଛି । ଦୃଷ୍ଟାନ୍ତ ସ୍ୱରୂପ-

ସ୍ତ୍ରୀ- ଏ ନିଆଁ ଲଗା କାଳରେ ଭଲ ନାହିଁ । ଭଲ କହିଲେ ମନ୍ଦ ହେଲା; ଏତେ ରାତି ହେଲାଣି, ଭାତ ମୁଠାକ ଶୁଖି ଚଣା ହେଲାଣି, ଖାଇଲେ ଦେହ ବିଗିଡ଼ିବ; ମୁଁ କହିଲି ସେଥିରେ ମୋର ଦୋଷ ? ତୁମ୍ଭର ଘର ପାଖରେ କି କିଛି କର୍ମ ଥାଏ ନାହିଁ ଯେ ତୁମ୍ଭେ ସବୁବେଳେ ଖାଲି କୁଡ଼ିଆଙ୍କ ପରି ଏଦ୍ୱାର ସେଦ୍ୱାର ବୁଲି ମଦମାଉଁସ ଖାଇବା ଲାଗି ଟାକି ପଡ଼ିଥାଅ ?

ବାବୁ- ତୁ ଆମ୍ଭର କି ମନ୍ଦାଚରଣ ବା ଅପକର୍ମ କରିବା ଦେଖିଲୁ ଯେ ଆମ୍ଭଙ୍କୁ ଅକଳ ଦେବାକୁ ବସିଅଛୁ । ଆମ୍ଭେ କି ତୋ ପରି ମୂର୍ଖ, ଆମ୍ଭେ ଦୋଷ ଗୁଣ ଭଲମନ୍ଦ ବିଚାର କରି କାର୍ଯ୍ୟ କରିବୁଁ ? ଶିକ୍ଷିତ ଲୋକେ ଯେବେ ସବୁକଥା ବିଶ୍ୱାସ କରିବେ, ତାହା ହେଲେ ସେମାନେ ନିଜର କିମ୍ବା ଦେଶର କିଛି ଉନ୍ନତି କରିପାରିବେ ନାହିଁ ।"(୪)

କଥାକାର ଫକୀରମୋହନଙ୍କ କଥାକଳ୍ପନା ଠାରୁ ଆଉ ଦୁଇପାଦ ଆଗକୁ ଯିବାର ନିଆରାପଣ ଜାହିର କରେ ତାଙ୍କ ରହସ୍ୟ-ପ୍ରସ୍ତାବ- ପ୍ରବନ୍ଧ-ଆଲୋଚନାର ଭିନ୍ନ ଉପସ୍ଥାପନା । ଏହି ଭିନ୍ନତାର ସ୍ୱାକ୍ଷର ବହନ କରେ 'ସମାଲୋଚନା' ଶୀର୍ଷକରେ ଏକ ନୂଆ ଗଦ୍ୟଧର୍ମୀ ଲେଖା । ଏ ଗଦ୍ୟର ରୂପ ଥିଲା ଏମିତି-

"ମୋହନ - ରେବତୀ କି ଦେଖିଛ ?

ଶଙ୍କର- ରେବତୀ କିଏ ?

ମୋ - ରେବତୀ ଗୋଟିଏ ଦୁଇ ତିନିମାସିଆ ଝିଅ ।

ଶ - କାହା ଝିଅ ?

ମୋ - ସାରିଆ ଭଉଣୀ ।

ଶ- କାହା ଝିଅ ?

ମୋ- ତାହାର ଗୋଟିଏ ଭାଇ ନାଁ- ଛମାଣ ଆଠଗୁଣ୍ଠ ।

x x x

ଶ- ରେବତୀ ଷ୍କଟଙ୍କ ରେବେକା ପରି, କିମ୍ବା ଦ୍ୱିତୀୟଚନ୍ଦ୍ରର ଦୁର୍ଗେଶନନ୍ଦିନୀ ପରି ଖଣ୍ଡିଏ ହୋଇଥାନ୍ତା କି । ଏତ ଦଣ୍ଡକେ ସରିଗଲା ।

ମୋ- ଲେଖକ ବଡ଼ ଚତୁର । ଦେଶ କାଳ ପାତ୍ର ଜ୍ଞାନ ତାଙ୍କଠିଁ ଖୁବ ଅଛି । ବାଲ୍ମୀକି ରୂପେ ଅବତୀର୍ଣ୍ଣ ହେବାରୁ ସବୁ ଘରକୁ ଯାଇପାରିଲେ ନାହିଁ, କେବଳ ଭାଗବତ ଘରେ ରୁଦ୍ଧ ହୋଇ ରହିଲେ, ହେରଡଟସ୍ ରୂପ ଧାରଣ କରିବାରୁ ତାଙ୍କୁ କିଛି କାଳ ଛାତ୍ରବୃତ୍ତିକୁ ଦେଇ, ପଶ୍ଚାତ୍ ଛାପାଖାନାରେ ସଡ଼ାଇଲେ; ସେଠୁଁ କିଛି ନୀରବ ହୋଇ ପ୍ରଚ୍ଛନ୍ନ ଫକୀର ବେଶରେ ଗସ୍ତ କରି ଗସ୍ତଲବ୍ଧ ଜ୍ଞାନ ବଳରେ ନବନିର୍ମିତ ଗୃହରେ ଧୂର୍ଜଟି ରୂପେ ରେବତୀକୁ ଜନ୍ମଦାନ କଲେ । ରେବତୀ ପ୍ରତି ସାଧାରଣଙ୍କ ଆଦର ଦେଖିଲେ ଆଉ ଗସ୍ତ କରି ରେବୀର ଭାଇ ଭଉଣୀଗୁଡ଼ିକୁ ପଦାକୁ ବାହାର କରିବେ ।"(୫) ପ୍ରକୃତରେ ଏହି ଲେଖାଟି ରହସ୍ୟ-ପ୍ରସ୍ତାବ-ପ୍ରବନ୍ଧ-ସମାଲୋଚନାର ସ୍ୱତନ୍ତ୍ର ଆଲେଖ୍ୟ ମାତ୍ର । 'କୃଷି ବାଣିଜ୍ୟ ଦ୍ୱାରା ଦେଶର ଉନ୍ନତି ହୁଏ-ଚାକରୀ ଦ୍ୱାରା ନୁହେଁ' ପ୍ରବନ୍ଧରୁ କିଛି ଗଦ୍ୟାଂଶ ଉଦ୍ଧୃତ କରାଯାଇ ପାରେ । ଯଥା- "ମହାଜନମାନେ କହି ଅଛନ୍ତି, ନ୍ୟାୟ ଏବଂ ସାକ୍ଷାତ୍ ଉଦାହରଣ ମଧ୍ୟ କହୁଅଛି" "ବାଣିଜ୍ୟେ ବସତେ ଲକ୍ଷ୍ମୀ" ଇତ୍ୟାଦି । ଆମ୍ଭେମାନେ ଏ ସ୍ଥଳେ ପ୍ରାଚୀନ କାଳର ଉଦାହରଣ ନ ଦେଖାଇ ବର୍ତ୍ତମାନ କାଳର ଚାକ୍ଷୁଷ ଉଦାହରଣ ଦେଖାଇବୁଁ । ପୂର୍ବେ ଏହି ଓଡ଼ିଶାରେ ବାଣିଜ୍ୟର ସେହିପରି ସୁବିଧା ନଥିଲା; ତେଣୁ ଓଡ଼ିଶାକୁ ବିଦେଶରୁ ତେତେ ଧନ ଆସିପାରୁ ନଥିଲା ।

ଯେତେଦିନୁ ବହିଃବାଣିଜ୍ୟର ମାର୍ଗ ଫିଟିଅଛି ତେତେଦିନୁ ଆଶାନୁରୂପ ନ ହେଉ କିଛି ହେଲେ ଧନ ଆସୁଅଛି । ପୁଣି ବାଣିଜ୍ୟରେ ଯେଉଁ ଧନ ଆସୁଅଛି କୃଷିଜାତ ଦ୍ରବ୍ୟ ସେଥିର ମୂଳ ହେତୁ ।"[୬]

ସମ୍ବାଦ ପରିବେଷଣର ଶୈଳୀ ଓ ସାମ୍ବାଦିକ ଗଦ୍ୟର ସ୍ୱରୂପରେ ଫକୀରମୋହନଙ୍କର ଗଦ୍ୟରୂପକୁ ଅବଲୋକନ ନିମନ୍ତେ ନିମ୍ନରେ ପ୍ରଦତ୍ତ ସମ୍ବାଦକୁ ଲକ୍ଷ୍ୟ କରାଯାଉ । ଦୃଷ୍ଟାନ୍ତ ମୂଳକ-

"ବିବିଧ ସମ୍ବାଦ ।

ଏ ବରଷ ବାଲେଶ୍ୱରରେ ଆମ୍ବ ଉତ୍ତମ ରୂପେ ହୋଇ ନଥିଲା ଏଥକୁ ଲୋକେ ଅନୁମାନ କରୁ ଅଛନ୍ତି ଧାନ ଉତ୍ତମ ହେବ ନାହିଁ । ଈଶ୍ୱର କରନ୍ତୁ "ଆମ୍ବ ଗୁଣେ ଧାନ" ଏ ପ୍ରବାଦ ମିଥ୍ୟା ହେଉ ।

ଦୀପିକା ବୋଲନ୍ତି -

ଗବର୍ଣ୍ଣମେଣ୍ଟ ଦେଶୀୟ ଭାଷା ଉନ୍ନତି ସକାଶେ ଚେଷ୍ଟା କରୁଅଛନ୍ତି ମାତ୍ର ସ୍ଥାନୀୟ ହାକିମମାନଙ୍କୁ ସେ ବିଷୟରେ ବିଶେଷ ମନୋଯୋଗୀ ହେବାକୁ ଦେଖାଯାଏ ନାହିଁ ବଡ଼ ଦୁଃଖର ବିଷୟ । ବର୍ତ୍ତମାନ ଜର୍ଜ ଶ୍ରୀଯୁକ୍ତ ବାଉନ ସାହେବ କଚେରୀରେ ଚଳୁଥିବା ଉଡ଼ିଆ ଭାଷା ସଂଶୋଧନ ସକାଶ ସଚେଷ୍ଟ ହୋଇ ଅଛନ୍ତି ଉଡ଼ିଶାର ଅନ୍ୟାନ୍ୟ ହାକିମମାନେ ଏ ବିଷୟରେ ମନୋଯୁଗୀ ହେଲେ ବଡ଼ ସୁଖକର ହୁଅନ୍ତା ।

କଟକ ଜିଲ୍ଲାର ଜଗତସିଂହପୁରରେ ଜଣେ ଅନ୍ଧ ଗୋଟିଏ ନରହତ୍ୟା କରିଅଛି । ଆକ୍ଷି ଥିଲେ ନଜାଣି ଏ ଲୋକ କି କରନ୍ତା ।"[୭]

## ଉନବିଂଶ ଶତାବ୍ଦୀର ପତ୍ର-ପତ୍ରିକାରେ ଫକୀରମୋହନଙ୍କ ସଂପର୍କରେ ସୂଚନା ଓ ଆଲୋଚନା :

ଉନବିଂଶ ଶତାବ୍ଦୀର ପତ୍ରପତ୍ରିକାରେ ଫକୀରମୋହନ ଏବଂ ତାଙ୍କ ସୃଷ୍ଟି ସଂପର୍କରେ ଅନେକ ସୂଚନା ଏବଂ ଆଲୋଚନା ପ୍ରକାଶ ପାଇଛି । 'ଉତ୍କଳ ଦୀପିକା' ୨/୩୨=୧୦-୮-୧୮୬୭ ସଂଖ୍ୟାରେ ପ୍ରାପ୍ତି ସମ୍ବାଦରେ 'ସରଳ ବ୍ୟାକରଣ' ସଂପର୍କରେ ସୂଚନା ପ୍ରଦାନ କରାଯାଇଛି । 'ଭାରତ ବର୍ଷର ଇତିହାସ'ର ଭାଷାକୁ ସମାଲୋଚନା କରିଛି ଏହି ପତ୍ରିକା ୪/୧୫ତା ୧୦-୪-୬୯ ସଂଖ୍ୟାରେ । ଏହି ପତ୍ରିକାର ୫/୩୬ ସଂଖ୍ୟା ତା୧୦-୯-୭୦ ବେଳକୁ 'ଭାରତ ବର୍ଷର ଇତିହାସ'ର ଦ୍ୱିତୀୟ ଭାଗକୁ ପ୍ରଶଂସା କରାଯାଇଛି । ୧୫-୭-୧୮୯୯ ମସିହାରେ 'ଉତ୍କଳ ଦୀପିକା' 'ଉତ୍କଳ ଭ୍ରମଣଂ'ର ସମାଲୋଚନା କରିଛି । 'ଉତ୍କଳ ପୁତ୍ର' ଫକୀରମୋହନଙ୍କ ଭାରତ ବର୍ଷ ଇତିହାସକୁ ପ୍ରକୃତ ଇତିହାସର ଆଖ୍ୟା ଦେଇଛି । 'ଉତ୍କଳ ପୁତ୍ର'ର ପୃଷ୍ଠାରେ ଥିଲା ଏମିତି- "ଆଜି

ହର ଓ ପ୍ରୀତିପ୍ରଦ ଖଣ୍ଡିଏ ଗଦ୍ୟ ବା ପଦ୍ୟମୂଳକ ଗ୍ରନ୍ଥ ଓଡ଼ିଆଭାଷାରେ ପ୍ରବେଶ କରିପାରି ନାହିଁ, ସେନାପତି ରଚିତ ଭାରତବର୍ଷର ଇତିହାସ ଛଡ଼ା ପ୍ରକୃତ ଇତିହାସ ଏ ଭାଷାରେ ଆଉ ଥିବାର ତ ଆମ୍ଭକୁ ଜଣାନାହିଁ ।"[୮]

'ଉତ୍କଳ ଦର୍ପଣ' ଆରମ୍ଭରୁ ଫକୀରମୋହନଙ୍କ ସହିତ ସୁସଂର୍ପକ ରଖିଥିଲା । ପି.ଏମ୍.ସେନାପତି ଏଣ୍ଡ କୋଃ ଦ୍ୱାରା ପରିଚାଳିତ 'ବାଲେଶ୍ୱର ଉତ୍କଳ ପ୍ରେସ'ରୁ ଏହି ପତ୍ରିକାଟି ମୁଦ୍ରିତ ହେଉଥିଲା । ବୈକୁଣ୍ଠ ନାଥଙ୍କ ଉଦ୍ୟମରେ ଏ ପ୍ରେସଟି ଭାଙ୍ଗିଯାଇଛି; ତେଣୁ ଫକୀରମୋହନ ଓ 'ଉତ୍କଳ ଦର୍ପଣ' ମଧ୍ୟରେ ମତାନ୍ତର ଦେଖାଦେଇଛି । ୧୮୮୦ ବେଳକୁ ପୁଣି ଫକୀରମୋହନ 'ଉତ୍କଳ ଦର୍ପଣ' ସହିତ ଯୋଡ଼ି ହେବା କଥା ଏବଂ ଗ୍ରାହକ ହେବା କଥା 'ଉତ୍କଳ ଦର୍ପଣ' ଭାଗ-୮/୨୮ସଂଖ୍ୟା;୧୧-୭-୧୮୮୦ରେ ପ୍ରକାଶ ପାଇଛି । ପରେ ପରେ ଫକୀରମୋହନଙ୍କ 'ରାମାୟଣ' (ବାଳକାଣ୍ଡ)ର ସମୀକ୍ଷା ପ୍ରକାଶ ପାଇଛି ଏହି ପ୍ରତ୍ରିକାରେ । ଆଲୋଚନାଟି ଥିଲା ଏମିତି- "ଆମ୍ଭେମାନେ ବାଳକାଣ୍ଡର ପ୍ରାୟ ଅନେକ ଅଂଶ ପାଠ କରିଅଛୁ, କିନ୍ତୁ କୌଣସି ସ୍ଥଳରେ ବିଶେଷ କୌଣସି ଭୁଲ ଦେଖିବାକୁ ପାଇନାହୁଁ x x x । ପୁଣି ଆମ୍ଭେମାନେ ପୂର୍ବେ ବିଜ୍ଞାପନ ଦେଖି ସେନାପତି ମହାଶୟଙ୍କଠାରୁ ଯେ ପରିମାଣରେ ଭାଷାର ଆଶା କରିଥିଲୁ ,ସେ ଆଶା ଆମ୍ଭମାନଙ୍କର ପୂରଣ ହୋଇ ନଥିଲେ ହେଁ ଅନ୍ୟାନ୍ୟ ଅନୁବାଦ ଠାରୁ ରାମାୟଣ ବାଳକାଣ୍ଡର ଭାଷା ଉତ୍ତମ ହୋଇଛି ।"[୯] 'ଇନ୍ଦ୍ରଧନୁ'ରେ 'ସମାଲୋଚନା' ଶୀର୍ଷକରେ ଜୋରଦାର ସମାଲୋଚନା କରାଯାଇଛି । ଯଦିଓ ଏହା ପୁସ୍ତକ ସମୀକ୍ଷା ପରି ମନେ ହେଲେ ମଧ୍ୟ ସୁନ୍ଦର ସମାଲୋଚନାର ପରାକାଷ୍ଠା ଏଥିରେ ପରିଲକ୍ଷିତ । ଏ ସମାଲୋଚନାର ସ୍ୱରୂପ ଥିଲା- "ପୁଷ୍ପମାଳା- ବାବୁ ଶ୍ରୀ ଫକୀର ମୋହନ ସେନାପତିଙ୍କ ଦ୍ୱାରା ବିରଚିତ ଓ ପ୍ରକାଶିତ । ଭିନ୍ନ ଦୁଇ ବିଷରେ କୋଡ଼ିଏଟି କବିତା କୁସୁମରେ ଏହି ମାଳା ଗୁନ୍ଥା ହୋଇଅଛି । x x x ଫକୀରମୋହନ ବାବୁଙ୍କ ପୁଷ୍ପମାଳାକୁ ଆମ୍ଭେମାନେ ଶେଷୋକ୍ତ ମାଳତୀ ମାଳର ତୁଲ୍ୟ ମନେକରୁ । ଏଥିରେ କବି ରୂପଗୁଣ ଉଭୟ ସମାବେଶ କରିବାକୁ ପ୍ରୟାସୀ ହୋଇ ଯେ କୃତକାର୍ଯ୍ୟ ହୋଇଅଛନ୍ତି ଏହା କହିବା ବାହୁଲ୍ୟ ମାତ୍ର । x x x "ନୀରବ ପ୍ରେମର" ନୀରବ ସୌନ୍ଦର୍ଯ୍ୟ ଅନୁଭବ କରି ଭାବୁକ ମନ ନୀରବ ହୋଇଯାଏ । କବି ମଧ୍ୟ ସ୍ଥାନେ ଦୁଇଟି ରମଣୀର ଅଙ୍ଗସୌଷ୍ଠବ ବା ପ୍ରକୃତିର ଶୋଭା ଚିତ୍ରିତ କରିବାକୁ ପ୍ରୟାସୀ ହୋଇଅଛନ୍ତି ଓ ଅନେକ ପରିମାଣରେ କୃତକାର୍ଯ୍ୟ ହୋଇ ଅଛନ୍ତି, ଯଥା-

"ନାରୀ ଲଲାମ ଠାଣି ପଞ୍ଚାଳ ଜେମା ।

ଶିରୀଷ ସୁକୁମାରୀ ସୁନା ସୁସମା
ଚହଟି ଦିଶୁଅଛି ସେ ଅଙ୍ଗ ପ୍ରଭା
ଚମକି ଯାଉଛି ଚଞ୍ଚଳା ଅବା
ଦିଶଇ ମୁଖ ଫିଟିବାରୁ କବରୀ
ନୀଳ ଜଳରେ ପଦ୍ମ ଭାସିଲା ପରି

x x x

ପାଣିଘେନି ବୋହୂମାନେ ଯାଉଛନ୍ତି ଘରେ
କଣେଇ କଣେଇ ଚାହୁଁଅଛନ୍ତି ଥରେ ଥରେ" ଇତ୍ୟାଦି ।

ପରିଶେଷରେ ଏତିକି ବକ୍ତବ୍ୟ ଯେ କବି ଆପଣା ଭାଷାକୁ ଅତ୍ୟନ୍ତ ସରଳ କରିବା ଚେଷ୍ଟାରେ ହେଉ ଅଥବା ଅନ୍ୟ କୌଣସି କାରଣରୁ ହେଉ, କେତେଗୁଡ଼ିଏ ଶବ୍ଦ ବ୍ୟବହାର କରିଅଛନ୍ତି ଯାହାକି ଆମ୍ଭମାନଙ୍କ କାନକୁ ଟିକିଏ ଅଡୁଆ ଅଡୁଆ ଲାଗିଲା । ଏ ଦେଶରେ ପିଲାମାନେ 'ଲୁଚିପୁଚି' ଖେଳନ୍ତି ନାହିଁ 'ଲୁଚକାଳି' ଖେଳିଥାନ୍ତି ଓ ଦକ୍ଷିଣା ପବନ ବଙ୍ଗଦେଶରେ 'ଝିରିଝିରି' କହୁଥିବ, ଏ ଦେଶରେ କିନ୍ତୁ 'ସୁଲୁସୁଲୁ' ବହେ ।"[୧୦]

ଏତଦ୍ ବ୍ୟତୀତ 'ବାଲେଶ୍ୱର ସମ୍ବାଦ ବାହିକା'ରେ ଫକୀରମୋହନଙ୍କ 'ରାମାୟଣ' ସଂପର୍କରେ ଏକ ବିଜ୍ଞାପନ ପ୍ରକାଶ ପାଇଥିଲା । ଏହି ବିଜ୍ଞାପନରେ ସଂପାଦକ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ କହିଥିଲେ- "ଫକୀରମୋହନ ସେନାପତି କୃତ ସଂସ୍କୃତ ରାମାୟଣର ଉତ୍କଳ ପଦ୍ୟାନୁବାଦ ଖଣ୍ଡେ ଖଣ୍ଡେ ପ୍ରକାଶିତ ହେବ । ବର୍ତ୍ତମାନ ଆଦିକାଣ୍ଡ ଯନ୍ତ୍ରସ୍ଥ ଅଛି । ଏହି ପୁସ୍ତକ ବିନାମୂଲ୍ୟରେ ୪୦୦ଖଣ୍ଡ ବିତରିତ ହେବ । ପ୍ରାର୍ଥି ମହାଶୟମାନେ ଭାଦ୍ରବ ମାସ ମଧ୍ୟରେ ଢେଙ୍କାନାଳ ମୁକାମ ବାବୁ ଫକୀରମୋହନ ସେନାପତିଠାକୁ ଆପଣା ଆପଣା ନାମଧାମ ଲେଖି ପଠାଇବେ । ସମୟଗତେ କାହାରି ପ୍ରାର୍ଥନା ଗ୍ରାହ୍ୟ ହବନାହିଁ ।"[୧୧]

ଉପର ଆଲୋଚନା ସୂଚନାଧର୍ମୀ ହେବାକୁ ବାଧ୍ୟ ହୋଇଛି । ଉନବିଂଶ ଶତାବ୍ଦୀର କେବଳ ଫକୀରମୋହନ ଓ ତାଙ୍କ ସୃଷ୍ଟି ସଂପର୍କରେ ଏକ ସଂକ୍ଷିପ୍ତ ପରିଚୟ ପ୍ରଦାନ କରିବାର ଲକ୍ଷ୍ୟ ରଖିଥିଲା ଏହି ଆଲୋଚନା । ଫକୀରମୋହନୀୟ ଗଦ୍ୟର ସ୍ୱରୂପ ଜଣାଇବାର ପ୍ରୟାସ ମଧ୍ୟ ଏଥିରେ ଦେଖାଇ ଦିଆଯାଇଛି । ତେବେ ଉନବିଂଶ ଶତାବ୍ଦୀର ପତ୍ର-ପତ୍ରିକାରେ ଫକୀରମୋହନ ଉଭୟ ଗଦ୍ୟ ଓ ପଦ୍ୟଧର୍ମୀ ଲେଖା ସୃଷ୍ଟିକରି ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧି କରିଛନ୍ତି ।

**ପ୍ରାନ୍ତଟୀକା:**


୧. ଉତ୍କଳ ସାହିତ୍ୟ : ଭାଗ-୧, ସଂଖ୍ୟା-୧, ୧୮୯୭ ।
୨. ଇନ୍ଦ୍ରଧନୁ : ଭାଗ-୨,ସଂଖ୍ୟା-୭ମ,୧୮୯୮ ।
୩. ପ୍ରଦୀପ : ପ୍ରଥମ ଖଣ୍ଡ ୧ମ ସଂଖ୍ୟା, ଜାନୁଆରୀ ୧୮୮୫ ।
୪. ବାଲେଶ୍ୱର ସମ୍ବାଦ ବାହିକା : ଭାଗ-୧୯ ସଂଖ୍ୟା- ୬, ୧୮-୨-୧୮୮୬ ।
୫. ଉତ୍କଳ ସାହିତ୍ୟ : ଭାଗ- ୩, ସଂଖ୍ୟା -୧, ୧୮୯୯ ।
୬. ବାଲେଶ୍ୱର ସମ୍ବାଦ ବାହିକା : ଭାଗ- ୧୩, ସଂଖ୍ୟା- ୮୦, ୧୬-୧୨-୮୦ ।
୭. ବାଲେଶ୍ୱର ସମ୍ବାଦ ବାହିକା : ୩ୟ ଭାଗ, ୧ମ ସଂଖ୍ୟା,୧୮୭୨ ଜୁଲାଇ ୧ ତାରିଖ, ପୃଷ୍ଠା-୭ ।
୮. ଉତ୍କଳ ପୁତ୍ର : ୩-୬-୧୮୭୪ ।
୯. ଉତ୍କଳ ଦର୍ପଣ : ଭାଗ-୮, ସଂଖ୍ୟା-୩୦, ୨୫-୭-୧୮୮୦ ।
୧୦. ଇନ୍ଦ୍ରଧନୁ : ଭାଗ-୨, ସଂଖ୍ୟା- ୮, ୨୮ ଫେବୃଆରୀ ୧୮୯୫ ।
୧୧. ବାଲେଶ୍ୱର ସମ୍ବାଦ ବାହିକା : ଭାଗ-୧୨, ସଂଖ୍ୟା- ୩୭,୨୧-୮-୧୮୭୯ ।



ଅଧ୍ୟାପକ, ଓଡ଼ିଆ ବିଭାଗ
ଆଗରପଡ଼ା କଲେଜ, ଆଗରପଡ଼ା, ଭଦ୍ରକ
ଦୂରଭାଷ : ୮୦୯୩୦୪୯୬୬୩

ISSN -2583-147X (P), **Vol.- 9, Issue No.VII, October 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ପରମ୍ପରା ଓ ଆଧୁନିକତାର ମାନଦଣ୍ଡରେ 'ପାଟଦେଈ'

**ଡକ୍ଟର ପ୍ରମିଳା ପାଟ୍ଟଜୋଶୀ**

ବୀଣାପାଣି ମହାନ୍ତିଙ୍କ ଜନ୍ମ ୧୯୩୬ ମସିହା ନଭେମ୍ବର ୧୧ ତାରିଖରେ ପିତାଙ୍କ କର୍ମସ୍ଥଳୀ ବ୍ରହ୍ମପୁର ସହରରେ ହୋଇଥିଲା । ପିତାଙ୍କ ନାମ ଚତୁର୍ଭୁଜ ମହାନ୍ତି ଓ ମାତା କୁମୁଦିନୀ ମହାନ୍ତି । ବୀଣାପାଣିଙ୍କ ଜୀବନର ପ୍ରାରମ୍ଭିକ ପର୍ଯ୍ୟାୟ ଚାନ୍ଦୋଳରୁ ଆରମ୍ଭ ହୋଇଥିଲା । ଜଣେ ଅର୍ଥନୀତିର ଅଧ୍ୟାପକ ଭାବରେ ୧୯୬୦ ମସିହାରୁ କର୍ମମୟ ଜୀବନ ଆରମ୍ଭ ହେଲା ବାଲେଶ୍ୱର କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟରୁ । ରମାଦେବୀ ଓ ଶୈଳବାଳା ମହିଳା କଲେଜରେ ଅଧ୍ୟାପନା କରିବା ପରେ ୧୯୯୨ରେ ଚାକିରୀରୁ ଅବସର ନେଲେ ।

ତାଙ୍କର ପ୍ରଥମ ଗଳ୍ପ 'ନାଉଗଛ' ୧୯୬୦ ମସିହାରେ ପ୍ରକାଶିତ । ଏହି ଗଳ୍ପରେ ସାମାଜିକ ଓ ସାଂସ୍କୃତିକ ଅବକ୍ଷୟର ଚିତ୍ର ଦେଖିବାକୁ ମିଳେ । ତାଙ୍କ ଗଳ୍ପ ସଂକଳନଗୁଡ଼ିକ ହେଲା– 'ନବତରଙ୍ଗ' (୧୯୬୩), 'ପାନ୍ଥଶାଳା ଓ ରକ୍ତକରବୀ' (୧୯୬୫), 'କସ୍ତୁରୀମୃଗ ଓ ସବୁଜ ଅରଣ୍ୟ' (୧୯୬୭), 'ତଟିନୀର ତୃଷ୍ଣା' (୧୯୭୨), 'ସାୟାହ୍ନର ସ୍ୱର' (୧୯୭୪), 'ଅନ୍ଧକାରର ଛାଇ' (୧୯୭୬), 'କାଳାନ୍ତର' (୧୯୭୭), 'ଆରୋହଣ' (୧୯୭୮), 'ମନ୍ୱନ୍ତର' (୧୯୭୯), 'ବସ୍ତ୍ରହରଣ' (୧୯୮୦), 'ଅନ୍ୟ ଅରଣ୍ୟ' (୧୯୮୧), 'ଇଣ୍ଟରଭିଉ' (୧୯୮୧), 'ଖେଳଣା' (୧୯୮୩), 'ଦୃଶ୍ୟାନ୍ତର' (୧୯୮୪), 'ଚରିତ୍ର ହସୁଛି' (୧୯୮୬), 'ପାଟଦେଈ' (୧୯୮୭), 'ତୃତୀୟ ପାଦ' (୧୯୮୯), 'ବହ୍ନିବଳୟ' (୧୯୯୦), 'ଜନ୍ମାନ୍ତର' (୧୯୯୧), 'ଅଶ୍ରୁଅନଳ' (୧୯୯୨), 'ଶକୁନିର ଛକା' (୧୯୯୨), 'ଏକାକୀ ପରାଶର' (୧୯୯୪), 'ଅଭିନେତ୍ରୀ' (୧୯୯୭), 'ଖେଳ ଚାଲିଛି' (୧୯୯୮), 'ପାଚେରୀ ସେପଟ ନଈ' (୧୯୯୯), 'ପଦ୍ମ ଘୁଞ୍ଚିଘୁଞ୍ଚି ଯାଉଛି' (୨୦୦୦), 'ବର୍ଷ ବର୍ଷ ଭାରତବର୍ଷ' (୨୦୦୪), 'ଅପହଞ୍ଚ ଆକାଶ' (୨୦୦୭), 'ନଈକୁ ରାସ୍ତା' (୨୦୦୮), 'ଉତ୍ତରାୟଣ' (୨୦୧୦) । ଉପନ୍ୟାସ– 'କୁନ୍ତୀ କୁନ୍ତଳା ଶକୁନ୍ତଳା' (୧୯୮୯), 'ସୀତାର ଶୋଷିତ' (୧୯୯୯), 'ମନସ୍ୱିନୀ' (୨୦୦୨) ।

ଗାଳ୍ପିକା ୧୯୬୮ ମସିହାରେ ଗଳ୍ପ ସଂକଳନ 'କସ୍ତୁରୀ ମୃଗ ଓ ସବୁଜ ଅରଣ୍ୟ' ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ, ୧୯୯୦ ମସିହାରେ ଗଳ୍ପ ସଂକଳନ 'ପାଟଦେଈ' ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଓ ଶାରଳା ପୁରସ୍କାର ୨୦୧୦ ମସିହାରେ ପାଇଲେ ।

ସ୍ୱାଧୀନତା ପରେ ଓଡ଼ିଆ ଗଳ୍ପ ସାହିତ୍ୟରେ ଏକ ବିରାଟ ପରିବର୍ତ୍ତନ ଆସିଛି । ମାଟି ଓ ମଣିଷର କଥା ଓଡ଼ିଆ ଗଳ୍ପରେ ପ୍ରାଧାନ୍ୟ ଲାଭ କରିଛି । ସାମାଜିକ ବାସ୍ତବତା ହିଁ ହୋଇଛି ଓଡ଼ିଆ ଗଳ୍ପର ମୁଖ୍ୟ ବିଭବ । ବିଂଶ ଶତାବ୍ଦୀର ଷାଠିଏ ଦଶକ ପରେ ବୀଣାପାଣି ମହାନ୍ତି ଗଳ୍ପ ରଚନା କରି ଓଡ଼ିଆ କ୍ଷୁଦ୍ରଗଳ୍ପର ପରିମାଣାତ୍ମକ ଓ ଗୁଣାତ୍ମକ ବିକାଶ ସାଧନାରେ ସହାୟକ ହୋଇଛନ୍ତି । ସେ ଭାରତୀୟ ସଂସ୍କୃତି ଓ ପରମ୍ପରାର ମୁଗ୍ଧା ଉପାସିକା । ତଥାକଥିତ ପରମ୍ପରା ଭିତରେ ସେ ବାନ୍ଧି ହୋଇନାହାନ୍ତି ବରଂ ସ୍ୱାଗତ କରିଛନ୍ତି ନୂତନ ଭାବଧାରା ଓ ପରିବର୍ତ୍ତନର ମାର୍ଗକୁ ।

ତେଣୁ ଗାଳ୍ପିକା ନିଜ ସୃଷ୍ଟି ସମ୍ପର୍କରେ କୁହନ୍ତି "ମୁଁ ଜାଣେ ଗୋଲାପଟି ଏବେ ବି ଲାଲ ହୋଇନାହିଁ । ସେଥିପାଇଁ କଣ୍ଟକ ଶେଯରେ ଶୋଇ ରହି ମୁଁ ସ୍ୱପ୍ନ ଦେଖୁଛି... ଆଗାମୀ ପ୍ରଭାତର ଅସୁମାରି ସ୍ୱପ୍ନ... ତା'ର ସୀମା ସରହଦ ମୁଁ ଜାଣେ ନାହିଁ ! ଅସଂଖ୍ୟ ହସଖୁସିର ମୁହଁ ଲହଡ଼ି ଭାଙ୍ଗୁଛନ୍ତି ମୋ ହୃଦୟରେ ।

ସେମାନଙ୍କ ଜନ୍ମ ମୁହୂର୍ତ୍ତରେ ରକ୍ତ ଗୋଲାପଟିଏ ଉପହାର ଦେବାକୁ ମୁଁ କ'ଣ ପଛେଇ ଯିବି ? ନା ! ସ୍ୱପ୍ନ ଶେଷହେବାକୁ ମୁଁ ଦେଇନି । କାରଣ ତାହା ହିଁ ମୋର ଜୀବନ ଓ ସେଇ ଜୀବନକୁ ଜୀଇଁବା ପାଇଁ ଲେଖେ !"[୧] ନାରୀ ଚରିତ୍ରମାନେ ବୀଣାପାଣିଙ୍କ ଗଳ୍ପରେ ନୂତନ ଶକ୍ତି ସଞ୍ଚାର କରିଛନ୍ତି । ବୀଣାପାଣିଙ୍କ ଗଳ୍ପର ଭାଷା ଲୋକମୁଖର କଥିତ ଭାଷା । ତାଙ୍କ ଗଳ୍ପ ଗାଁ, ମଫସଲ ଓ ସହରକୁ ହିଁ ଭିତ୍ତି କରି ଗତିଶୀଳ । ଗଳ୍ପର ସଂଳାପ ପାତ୍ରୋପଯୋଗୀ ଓ ନାଟକୀୟ ମଧ୍ୟ । ତାଙ୍କ ଚରିତ୍ରମାନେ ଚଳନ୍ତି ସମୟର ପ୍ରତିନିଧି । ସେମାନେ ସାଧାରଣ, ନିମ୍ନବର୍ଗର କିନ୍ତୁ ସଚେତନ ।

ବୀଣାପାଣିଙ୍କ ଗଳ୍ପରେ ନାରୀକୁ ସର୍ବଶକ୍ତିର ଆଧାର ତଥା ବିପ୍ଳବିନୀ ବୋଲି କହିଛନ୍ତି । ନାରୀକୁ ଅବଳା, ଦୁର୍ବଳା ନ ଭାବି ବରଂ ଦମ୍ଭ ଓ ସାହସର ସୃଷ୍ଟିକର୍ତ୍ତ୍ରୀ ବୋଲି ବିଚାର କରିଛନ୍ତି । ନାରୀମାନଙ୍କ ପାଇଁ ସଦା ସଚେତନ ବୀଣାପାଣି ମହାନ୍ତି କହିଛନ୍ତି- "ମୁଁ ନିଃସଙ୍କୋଚରେ କହିବି ସମଗ୍ର ବିଶ୍ୱର ଶିଳ୍ପୀସତ୍ତା ବା ଚେତନା ଫେମିନିଷ୍ଟ ! ଭୋଗବିଳାସ ପ୍ରାଚୁର୍ଯ୍ୟ ଭିତରେ ମସ୍‌ଗୁଲ ରହି ସାରା ପରିବାର ବନ୍ଧୁବାନ୍ଧବ ଓ ସମାଜର ଛଳନାକୁ ଦିନେ ଅନୁଭବ କରି ଯଦି ବିନା ଉପକ୍ରମଣିକାରେ ନାରୀଟିଏ ଗୃହତ୍ୟାଗ କରି ଚାଲିଯାଏ ତେବେ ଆଶ୍ଚର୍ଯ୍ୟ ହେବା କାହିଁକି ? ଜ୍ଞାନବିଜ୍ଞାନ, ଦର୍ଶନ, ତତ୍ତ୍ୱ ବା ପରିବର୍ତ୍ତିତ ମାନବିକ ମୂଲ୍ୟବୋଧର ଆହ୍ୱାନକୁ ନାରୀ କ'ଣ ବୁଝି ନାହିଁ ନା ବୁଝିବା ତାର ଉଚିତ ନୁହେଁ ? ଏ ପ୍ରଶ୍ନ କେବଳ ମୋର ନୁହେଁ, ଆପଣମାନଙ୍କର, ଯେକୌଣସି ସୁସ୍ଥ ମଣିଷର ପ୍ରଶ୍ନ ! ସେ ପ୍ରଶ୍ନର ଉତ୍ତର ଯଥାସାଧ୍ୟ ମୋର ପାଠକମାନଙ୍କୁ ମୁଁ ଦେଇଛି ମୋର ଅନୁଭୂତିରୁ , ମୋ ରକ୍ତର ସ୍ୱାକ୍ଷର ଦେଇ ।"[୨]

'ପାଟଦେଈ' ଗଳ୍ପ ସଂକଳନରେ ମୋଟ ୧୨ଟି ଗଳ୍ପ ରହିଛି । ଏଗୁଡ଼ିକ ହେଲା ଚିତ୍ରିତ ଅନ୍ଧାର, ସାହସୀ, ପ୍ରହେଳିକା, ଅଲିଖିତ ପୃଷ୍ଠା, ମାଗଣା ଖଟିଆ, କାକ୍‌ଟସ୍, ବାପା, ଅମାନୁଷିକ, ବୋହୂବୋହୂକା, ସିଦ୍ଧାର୍ଥ, ଗପ ହେଲେ ବି ସତ ! ଓ ପାଟଦେଈ । 'ପାଟଦେଈ' ଗଳ୍ପ ଓଡ଼ିଆ ଗଳ୍ପ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ । ଗଳ୍ପଟିର ମୁଖ୍ୟ ଚରିତ୍ର ପାଟ । ଗାଳ୍ପିକା ପାଟର ମନସ୍ତତ୍ତ୍ୱକୁ ସଂପୂର୍ଣ୍ଣ ରୂପ ଦେବାପାଇଁ ବର୍ଣ୍ଣନାତ୍ମକ ଶୈଳୀ ବ୍ୟବହାର କରିଛନ୍ତି । ଗଳ୍ପଟି ଗ୍ରାମ୍ୟ ପରିବେଶକୁ ନେଇ ଗତିଶୀଳ । ତେଣୁ ଗ୍ରାମ୍ୟ ସଂସ୍କୃତି, ପରମ୍ପରା ଓ ଆଧୁନିକତାର ସ୍ପର୍ଶ ଗଳ୍ପରେ ଦେଖିବାକୁ ମିଳେ । ଗଳ୍ପରେ ଗ୍ରାମ୍ୟ ଶବ୍ଦର ବହୁଳ ବ୍ୟବହାର ହୋଇଛନ୍ତି ଓ ସଂଳାପ ହୋଇଯାଇଛି ପାତ୍ରପୋଯୋଗୀ । ଗଳ୍ପରେ ଗାଳ୍ପିକା ପରମ୍ପରାକୁ ଅବହେଳା ନ କରି ବରଂ ଆଧୁନିକତାକୁ ସ୍ୱାଗତ କରିଛନ୍ତି । 'ପାଟ' ଏ ଗଳ୍ପରେ ଏକ ପାରମ୍ପାରିକ ନାରୀ ଚରିତ୍ର ହୋଇ ମଧ୍ୟ ପୁରୁଷ ପ୍ରଧାନ ସମାଜ ବିରୋଧରେ ପ୍ରତିବାଦ କରିଛି । ପାଟଦେଈ ଗଳ୍ପଟି ପରମ୍ପରା ଓ ଆଧୁନିକତାର ସମ୍ମିଶ୍ରଣରେ ରଚିତ ଏକ ନୂତନ ସ୍ୱାଦର ଗଳ୍ପ ।

ଗାଳ୍ପିକା ଗୋଟିଏ ଗ୍ରାମୀଣ ପରିବାରର ଚିତ୍ର ଦେବାକୁ ଯାଇ ଜଗୁ ବେହେରାର ପରିବାରକୁ ଗ୍ରହଣ କରିଛନ୍ତି । ଏଠାରେ ଜଗୁ ବେହେରାର ପରିବାର ଓ ପାଟର ଶାଶୁ ଘରକୁ ନେଇଛନ୍ତି । ଗଳ୍ପରେ ଜଗୁ ବେହେରାର ଏକମାତ୍ର ଝିଅ ଥିଲା ପାଟ । ସେ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲା । ଜଗୁ ବେହେରା ପାଞ୍ଚ ଗୁଣ୍ଠ ଜମି ବିକ୍ରି କରି ପାଟର ବାହାଘର କରିଥିଲା । ରାଜାପୁଅ ପରି ଦେଖିବାକୁ ଜୋଇଁ, ଜମି ଘରଡ଼ିହ ମିଶି ଦି' ମାଣରୁ ଅଧିକ, ବନ୍ଧକ ସୁନା ଘରେ ଥିଲା କାହିଁରେ କ'ଣ ? ହେଲେ ଝିଅ ମାସ ଦି'ଟା ବି ଶାଶୁଘର ନ କରି ବାପଘରକୁ ଫେରିଆସିଲା । ଗାଳ୍ପିକା ଏଠାରେ ଧନୀ ଓ ଦରିଦ୍ରର ତାରତମ୍ୟକୁ ନିଚ୍ଛକ ଭାବେ ଦେଖାଇଛନ୍ତି । ତା' ସହିତ ପାଟ ପ୍ରତି ହୋଇଥିବା ଶାଶୁଘରର ନିର୍ଯ୍ୟାତନକୁ ସୂଚାଇଛନ୍ତି ।

ଗ୍ରାମ୍ୟ ସଂସ୍କୃତିକୁ ଚିତ୍ରଣ କରିବାକୁ ଯାଇ ଗାଳ୍ପିକା ଦୋଳଯାତ୍ରାକୁ ଗ୍ରହଣ କରିଛନ୍ତି । ଏହି ସମୟରେ ସାଇସାରା ଭଜନ କୀର୍ତ୍ତନ ଝାଞ୍ଜ ମୃଦଙ୍ଗରେ ଭାଙ୍ଗି ପଡୁଥିଲା । ଅବିର ବୋଳି ହୋଇ ଲୋକେ ଗହଳି କରୁଥିଲେ । ସେତିକିବେଳେ ମଝିରାତିରେ ବିଲୁଆ, କୁକୁର, ଭୂତ, ଡାଆଣୀ କାହାକୁ ନ ଡରି ପାଟଦେଈ ଘର ଦୁଆରେ ଶିକୁଳି ଦେଇ ଯାତ୍ରା ଦେଖିବାକୁ ଚାଲିଗଲା । ଆଉ ଫେରିଲାନି କି ପାଟଦେଈ କୁଆଡ଼େ ଗଲା ବୋଲି କେହି ମୁଣ୍ଡ ଖେଳାଇଲେ ନାହିଁ ।

ପାଟ ଯିବାର ତିନିବର୍ଷ ପରେ ଘରକୁ ଫେରିଛି । କୋଳରେ ଗୋଟିଏ ଛୋଟ ଛୁଆ । ଗାଳ୍ପିକା ଏହି ଘଟଣାକୁ ଅବତାରଣା କରିବାକୁ ଯାଇ ବକ୍ତବ୍ୟଟିଏ ଗ୍ରାମବାସୀ ମୁହଁରେ ଖଞ୍ଜି ଦେଇଛନ୍ତି । "ସମସ୍ତେ କହିଲେ, ଅସତୀ କଳଙ୍କିନୀଟା । କେମିତି ଜୀବନ କାଟିବ କାଟୁ । କାହାର କି ଯାଏ ଆସେ ? ଶାଶୁଘରୁ ସ୍ୱାମୀକୁ ଛାଡ଼ି ଆସିଲା ପରେ ମା' ହୋଇ ଗେହ୍ଲେଇ ହବାର କାହାଣୀ କେହି ଶୁଣି ନାହିଁ । ସେଥିରେ ପୁଣି ଏତେ ଗର୍ବ ଅହଂକାର ? ରାମ ! ଧର୍ମ ସହିବନି ! ପାଟଦେଈ କ'ଣ ସ୍ୱର୍ଗର ଠାକୁରାଣୀ ଯେ ସବୁ ଅନିୟମକୁ ନିୟମ କରିଦେବ ? ସବୁ ଅକାହାଣୀକୁ କାହାଣୀ କରିଦେଇ ସଂସାରରେ ବଞ୍ଚି ରହିବାକୁ ସ୍ୱପ୍ନ ଦେଖିବ ? ଛି ଛି ! କି

ଅଲାଜୁକ କଥା ! ପାଟଦେଈକୁ କ'ଣ ଜହର ଟିକିଏ ମିଳିଲାନି... । ସବୁ କଥାରେ ଚୁପ୍ ରହିଲେ କ'ଣ ଏଇ ସଂସାରରେ ସେ ବଞ୍ଚିପାରିବ ? ପାଟଦେଈ ତୃତୀୟ ଶ୍ରେଣୀ ଶେଷ କରିଥିବା ପାଠ ଏ ବିଷୟରେ ତାକୁ କୌଣସି ଠିକ୍ ଜ୍ଞାନ ଦେଇପାରିଲା ନାହିଁ । ଏଣେ ବାପା ଭାଇ ନାହାନ୍ତି ଯେ କିଏ ତା'ର ପିଠିରେ ପଡ଼ି ସାହା ହେବ ! ଶେଷକୁ ଦିନେ ଗାଁବାଲା ନିଷ୍ପତ୍ତି କଲେ - ପାଟଦେଈ ଗାଁ ଛାଡ଼ି ଚାଲିଯିବ ଯଦି ତା'ର ଜୀବନରେ ଆଶା ଥାଏ, ନହେଲେ ଜଗୁ ବେହେରାର ସେଇ ଘରଟାକୁ ନିଆଁ ଲଗେଇ ପୋଡ଼ି ଦିଆଯିବ । ଗାଁ ଝିଅବୋହୂଙ୍କର ଇଜ୍ଜତ୍‌କୁ ଦି' ପଇସାଠୁ ହୀନ କରି ପାଟଦେଈ କାଳି ବୋଳିଦେଲା ସବୁରି ମୁହଁରେ ।"[୩] ଗଳ୍ପିକା ଏଥିରେ ଏକ ପରମ୍ପରାର ଚିତ୍ର ଦେଇ ପାଟର ସହନଶୀଳତାକୁ ଦର୍ଶାଇଛନ୍ତି ।ଅନ୍ୟ ଏକ ବକ୍ତବ୍ୟ ମାଧ୍ୟମରେ ଗଳ୍ପିକା ପାଟର ପରମ୍ପରା ଓ ଆଧୁନିକତା ସ୍ୱାଗତ କରିଥିବା ଚିତ୍ର ଫୁଟିଉଠିଛି । ଏଥିରେ ପାଟର ସ୍ୱର ତୀବ୍ରତର ହୋଇଛି । ନିମ୍ନଲିଖିତ ବକ୍ତବ୍ୟରୁ ବୁଝାଯାଏ – "ସେଦିନ ମାଛିସଞ୍ଜ ବୁଢ଼େ ସାଇବାଲା ମେଳି କରି ଯେତେବେଳେ ପାଟଦେଈ ଦ୍ୱାର ମୁହଁରେ ଛିଡ଼ା ହୋଇ କୈଫିୟତ ମାଗିଲେ, ସେ ଛିଣ୍ଡା ଲୁଗାକାନିଟା ମୁହଁରେ ଚାପିଧରି କହିଲା- "ହଁ, ହଁ, ଏ ପୁଅ ମୁଁ ଜନ୍ମ କରିଛି ।

ବାହା ହେଲା ବାସିଦିନ ଯେତେବେଳେ ମୋ ସ୍ୱାମୀ କଲିକତା ପଳେଇଲା, ଶାଶୁ-ଶ୍ୱଶୁର ମୋତେ ଗୋଟାଏ ଘରେ ବନ୍ଦ କରି ଉପାସ ଭୋକରେ ରଖି ପନ୍ଦର ଦିନ ମୁହଁ ଚାହିଁଲେନି, ରାତି ଅଧରେ ମୁଁ ଲୁଚି ପଳେଇ ଆସିଲି ବାପଘରକୁ । ସେ ବି ମୋତେ ଦେଖି ଘାବରେଇ ଗଲା । ଯେତେ ଦିନ ତା' ପାଖରେ ରହିଲି, ସେତେ ଦିନ ସେ ସମସ୍ତଙ୍କଠୁ ଗଞ୍ଜଣା ଶୁଣିଛି । ମୁଁ ବି ନାନା ଅପବାଦ ଶୁଣିଛି । ମୋ'ରି ପାଇଁ ଏ ବୁଢ଼ା ବୟସରେ ସେ ହାଡ଼ ଭାଙ୍ଗି ମୂଲ ଖଟିଛି, ହେଲେ ପେଟ ପୂରି ନାହିଁ କି ଲାଜ ତୁଟି ନାହିଁ ।" ଏହି ବକ୍ତବ୍ୟରୁ ଜଣାପଡୁଛି, ପାଟ ବହୁ କଷ୍ଟ ଓ ନିର୍ଯ୍ୟାତନା ସହିବା ପରେ ତା'ର ସ୍ୱର ଦୃଢ଼ତର ହୋଇଛି ।

ପୁଣି ଗଳ୍ପିକା ଆଉ ଗୋଟିଏ ଘଟଣା ବର୍ଣ୍ଣନା କରିବାକୁ ଯାଇ ଛୁଆର ବାପ କିଏ ? ବୋଲି ପ୍ରସଙ୍ଗଟିକୁ ସ୍ଥାନ ଦେଇଛନ୍ତି । ଏଥିରେ ମଧ୍ୟ ସେ ପରମ୍ପରା ଓ ଆଧୁନିକତାର ଏକ ସମନ୍ୱିତ ଭାବଧାରାଟି ଦେଖାଯାଏ । ପାଟଦେଈ ଛେପ ଢୋକିଲା, ମୁଣ୍ଡରେ ଓଢ଼ଣାକୁ ଟାଣିଧରି କହିଲା-

"ମୋର କିଛି କହିବାର ନଥିଲା, କରିବାକୁ ମଧ୍ୟ ନ ଥିଲା, ବାପକୁ ଖଟଣିରୁ ମୁକ୍ତି ଦେବାକୁ ମୁଁ ବି ମରିପାରିଲିନି... ହେଲେ... ଏ ନିଷ୍ଠୁର ପୃଥିବୀ ମୋତେ ପୁଣି ଛୁଆଟିଏ କୋଳରେ ଦେଇ ଏଇଠିକି ଫେରେଇ ଦେଲା ।" କିଏ ଜଣେ ବୟସ୍କ ବ୍ୟକ୍ତି ଅଣ୍ଟାରେ ଗାମୁଛାଟା ଭିଡ଼ି ଆଗକୁ ବାହାରି ଆସିଲେ, ପାଟଦେଈ ଓଢଣା ଭିତରୁ ଦେଖିପାରିଲାନି । ଅଣ୍ଟାରେ ହାତ ଦେଇ କିଳିକିଳି କଣ୍ଠରେ ସେ କହିଲେ –"କ'ଣ କହିଲୁ ? ଆଉ ଥରେ କହିବୁ ? ପୃଥିବୀ ତତେ ଛୁଆଟିଏ ଦେଇଥିଲା ? ଯେଉଁଠି ସେଠି ରଖି ଏଠିକି କାହିଁକି ପଠାଇଲା ? ଆରେ... ଯାହା କହନ୍ତି ଅମୁକଙ୍କ ମୁହଁ ଟାଣ । କହ, କହ କାହାର ଏ ଛୁଆ ?" ଓଢ଼ଣାକୁ ଆହୁରି ଆଗକୁ ଟାଣିନେଇ ପାଟ ଥରି ଥରି ତଳେ ବସିପଡ଼ିଲା । ଛୁଆଟା ଆଖିରୁ ନୀରବରେ ଲୁହ ବୋହି ଯାଉଥିଲା, କୋହ ଉଠୁଥିଲା ଘନଘନ, ହେଲେ ସ୍ୱର ନଥିଲା ।"[୪]

ପାଟ ପାଟିରୁ ସ୍ୱର ବାହାର କରିବାକୁ ହଠାତ୍ ଅଣ୍ଟାରେ ଗୋଇଠାଟା ପକାଇଲା ମଣିଭାଉଜଙ୍କ ଶାଶୁ ସମ୍ପର୍କରେ ଖୁଡ଼ୀ ହେବ ପାଟର । ପାଟ କାନ୍ଦି ଉଠୁଉଠୁ ବୁଢ଼ୀ କମ୍ପିଉଠି କହିଲା –"କିଲୋ ପାଟିରେ ବେଙ୍ଗ ପଶିଛି ଚୁପ୍‌ସୀ ମୁହିଁ ! ପିଲାଟି ଦିନରୁ ମାଛିକୁ ମ କହେନି, ଶାଶୁଘରେ ମାସ ଗୋଟେ ରହିପାରିଲୁନି, ବାପକୁ ଜୀଅନ୍ତା ଖାଇଲୁ । ଏବେ କ'ଣ ନା ତୁଣ୍ଡ ଖୋଲି କହୁଛି ମୋ ଛୁଆ, ପୃଥିବୀ ମା' ମତେ ଦେଇଛି । ଆଲୋ ! ସତ କହ ଏ ଛୁଆର ବାପ କିଏ ? ନଇଲେ ତତେ ପନିକିରେ ଦି'ଗଡ଼ କରିଦେବି... ହଁ । ମତେ ଚିହ୍ନିଛୁଟି ? ଚାରିପଟରେ ମର୍ଦ୍ଦମାଇକିନା ଘେରି ଅନେଇଛନ୍ତି, ପାଟ ବେକ ଉପରେ ଗୋଡ଼ଟା ଥୋଇ ବୁଢ଼ୀ କମ୍ପୁଛି । ପାଟ ଆଉ ସହିପାରିବନି ପାରିବନି... ପାରିବନି । ତା'ପାଇଁ ପୃଥିବୀ ଦି'ଖଣ୍ଡ ହେବନି କି ସରଗରୁ ହରପାର୍ବତୀ ଧାଇଁ ଆସିବେନି । ନିଜେ ଚାହିଁଲେ ମରିବ, ଚାହିଁଲେ ବି ବଞ୍ଚିବ । ହଠାତ୍ ବୁଢ଼ୀର ଗୋଡ଼ଟାକୁ ଛିଞ୍ଚାଡ଼ି ଦେଇ ପାଟ ଛିଡ଼ା ହୋଇପଡ଼ିଲା । ସିଧାସଳଖ ପାଞ୍ଚଫୁଟିଆ ବୟସ୍କା ନାରୀଟିଏ ପରି ମୁହଁରେ ତା'ର ଦମ୍ଭ ଆଉ ଘୃଣା ଫେଣ୍ଟାଫେଣ୍ଟି ହୋଇ ବାଇଗଣୀ ରଙ୍ଗ ଉକୁଟି ଉଠିଲା । ଗାଁସାରା ଲୋକଙ୍କୁ ନିରେଖି ତରାଟି ଚାହିଁ ସେ କାନ୍ଦୁରା ଛୁଆଟିକୁ କାଖେଇ ନେଇ କହିଲା - "ଏ ଛୁଆର ବାପ କିଏ ପଚାରୁଛ ତ ? ଏ ଛୁଆର ବାପ ତ ହେଇଟି ସମସ୍ତେ ଛିଡ଼ା ହୋଇଛନ୍ତି । ରମୁ, ବୀରା, ଗୋପୀ, ମାଗୁଣି, ନରିଆ ଆଉ ତା' ପଛକୁ ସେଥିରୁ ଦି' ଚାରିଟା ସଭିଏଁ ତ !

କେମିତି କହିବି ଛୁଆ କାହାର ବୋଲି ? ଦୋଳ ପୁନେଇଁ ରାତି, ମେଳଣ ଭିତରୁ ଯେତେବେଳେ ପାଲା ଲଢ଼େଇ ଲାଗିଥିଲା,

ସେତିକିବେଳେ ତ ଏଇ, ଏଇ ସେ ରାମୁ ଗାମୁଛାଟା ମୋ ମୁହଁରେ ମାଡ଼ିଦେଇ ଶୂନ୍ୟେ ଶୂନ୍ୟେ ଟେକି ନେଇଗଲା । ମଶାଣି ହୁଡ଼ା ତଳକୁ । ସେଇ ବୁଦା ମୂଳରେ ଏଇ ସମସ୍ତେ ତ ମୋତେ ଘେରିଯାଇ କଣ୍ଠାରୁ ମାଉଁସ ଛଡ଼େଇ ଗବଗବ କରି ଖାଇଗଲେ । ପାଟି ବନ୍ଦ ଥିଲା, ହେଲେ ଚେଡ଼ା ବୁଡ଼ିବା ପୂର୍ବରୁ ଏମାନଙ୍କ ମୁହଁ ଜହ୍ନରାତିରେ ଠିକ୍ ମୁଁ ଚିହ୍ନିପାରିଥିଲି... । ହେଲେ କାହାର ଏ ଛୁଆ ? କେମିତି କହିବି ? ପରରେ ସେଇ ହରିଆ ବାଉରୀକୁ ଯେ ସେମାନଙ୍କଠାରୁ ଟଙ୍କା ନେଇ ମତେ ଛାଡ଼ିଦେଇ ଆସିଥିଲା କଟକରେ । କେବଳ ବାପକୁ ନିନ୍ଦା ଦେବି ନାହିଁ ବୋଲି ମୁଁ ଏତେ ଦିନ ଆସି ନ ଥିଲି । ଫେରିଆସି ବି ମୁଁ କାହାକୁ କିଛି କହିନି... ଏବେ ପରରେ ସେମାନଙ୍କୁ ଖୁଡ଼ୀ । ଛାତିରେ ହାତଦେଇ କୁହ ତ କିଏ ଏ ଛୁଆର ବାପ ବୋଲି ?"[୫] ହଠାତ୍ କେମିତି ପରିସ୍ଥିତିଟା ଗଣ୍ଡଗୋଳିଆ ହୋଇଗଲା । ବୁଢ଼ା ଓ ମଧ୍ୟବୟସ୍କ ଲୋକମାନେ ରହାଁରହିଁ ହେଲେ, ଟୋକାଗୁଡ଼ାକ ମୁର୍କିହସ ଦେଲେ । କାହା ପାଟିରୁ ଠିକ୍ କିଛି ପ୍ରଶ୍ନ କି ଉତ୍ତର ନିର୍ଗତ ହେଲା ନାହିଁ । ଖୁଡ଼ୀ ବାରଣ୍ଡାରେ ବସି ପଡ଼ିଥିଲା, ହାଲିଆ ହେଲାପରି । ରମୁ, ବୀରା, ଗୋପୀ, ମାଗୁଣି ପ୍ରଭୃତି ମୁହଁ ତଳକୁ ପୋତି ଦେଇଥିଲେ । ଗଳ୍ପିକା ବୀଣାପାଣି ମହାନ୍ତି ଏହି ବକ୍ତବ୍ୟ ମାଧ୍ୟମରେ ଦର୍ଶାଇଛନ୍ତି ପାଟ ପୁରୁଷ ସମାଜ ବିରୋଧରେ ପ୍ରତିବାଦ କରିଛି ।

ଶେଷରେ ଏତିକି କୁହାଯାଇପାରେ ଯେ, ପାଟ ଜୀବନର ଏକମାତ୍ର ଲକ୍ଷ୍ୟ ହେଉଛି ଜୀବନ ବଞ୍ଚିବା । ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଜୀବନ ବଞ୍ଚିବା ଏକମାତ୍ର ସତ୍ୟ । ତେଣୁ ପାଟ ଜୀବନରେ ସବୁ ଦୁଃଖ କଷ୍ଟକୁ ସହ୍ୟ କରିଛି ତ କେତେବେଳେ ସଚେତନ ହୋଇ ସମାଜରେ ବଞ୍ଚିବାପାଇଁ ସ୍ୱର ଉତ୍ତୋଳନ କରିଛି । ଏହିପରି ଭାବରେ ପରମ୍ପରା ଓ ଆଧୁନିକତାକୁ ସମ୍ମାନ ଦେଇ 'ପାଟଦେଈ' ଗଳ୍ପ ଗଢ଼ିଉଠିଛି ।

**ସହାୟକ ଗ୍ରନ୍ଥସୂଚୀ :**


୧. ସିଂ ବିଜୟାନନ୍ଦ, ମୁଁ କାହିଁକି ଲେଖେ (ସଂ),ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ-୨, ପ୍ରଥମ ସଂସ୍କରଣ, ୨୦୦୫, ପୃ.୧୯୯ ।

୨. ତତ୍ରୈବ, ପୃ.୧୯୮ ।

୩. ମହାନ୍ତି ବୀଣାପାଣି, ପାଟଦେଈ, ବିଦ୍ୟାପୁରୀ, ବାଲୁବଜାର, କଟକ, ୧୯୮୭, ପୃ.୧୩୭ ।

୪. ତତ୍ରୈବ, ପୃ.୧୩୮-୩୯ ।

୫. ତତ୍ରୈବ, ପୃ.୧୩୯ ।



ବିଶ୍ୱଭାରତୀ,ଶାନ୍ତିନିକେତନ

ISSN -2583-147X (P), **Vol.- 9, Issue No.VII, October 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଇତିହାସ ଓ ସାହିତ୍ୟ

**ଜ୍ଞାନୀ ଦେବାଶିଷ ମିଶ୍ର**

ଇତିହାସ ମନୋରଞ୍ଜନ ନୁହେଁ । ଇତିହାସର ଉଦ୍ଦେଶ୍ୟ ଆଦୌ ଚିତ୍ତକୁରସାଣିତ କରିବା, ମନକୁ ବିନୋଦ ଦେବା ନୁହେଁ । ଇତିହାସରେ ସତ୍ୟତା ପ୍ରତିପାଦନର ନିଷ୍ଠା ରହିବା ବିଧେୟ । ତିଥି-ବାର-ତାରିଖକୁ ଧରି ଇତିହାସ ଆଗକୁ ବଢ଼େ । ସେ ସତ୍ୟର ଉପାସକ । ସତ୍ୟର ଅନ୍ୱେଷୀ-ଅଧ୍ୟାୟୀ । ସତ୍ୟହିଁ ତା'ର ଏକମାତ୍ର ସନ୍ଧାନ ଏବଂ ସତ୍ୟର ସନ୍ଧାନ ପାଇଁ ତା'ର ଆଧାର ହେଉଛି ତଥ୍ୟ । ସେ ପରଖେ । ପରଖେ ମାଟିଗୋଡ଼ି, ପରଖେ ଦିଅଁ-ଦେବତା, ପରଖେ ପଥର-ପାହାଡ଼, ପରଖେ ଯୁଦ୍ଧ କି ବନ୍ୟା-ବାତ୍ୟାର ଇତିବୃତ୍ତ । ଏ ସବୁର ତଥ୍ୟ ଖୋଜେ, ତାରିଖ ଖୋଜେ । ଅକ୍ଷରରେ ନପାଇଲେ ଯେଉଁ ଯେଉଁ ମାଧ୍ୟମରେ ବି ପ୍ରାମାଣିକତା ମିଳିପାରିବ, ତା' ପଛରେ ଧାଏଁ । ସେମାନଙ୍କ ପଛରେ ଧାଇଁ ଧାଇଁ ସାକ୍ଷୀ ଯୋଗାଡ଼ କରେ । ସେଇ ସାକ୍ଷୀ ପ୍ରମାଣ ମାନଙ୍କ ଆଧାରରେ ସମ୍ଭାବ୍ୟ ସତ୍ୟର ପାଖାପାଖି ପହଞ୍ଚିବାକୁ ଚେଷ୍ଟା କରେ । ସେଇ ସମ୍ଭାବ୍ୟ ସତ୍ୟରୁ ପୁଣି ପ୍ରମାଣଯୋଗ୍ୟ ବା ପ୍ରାମାଣିକ ସତ୍ୟଟିଏର ପାଖାପାଖି ହୁଏ ।

ସାହିତ୍ୟ କିନ୍ତୁ ଇତିହାସଠୁ ଭିନ୍ନ । ସାହିତ୍ୟର ଆଧାର ହୁଏତ ଇତିହାସ ହେଇଛି ଓ ହେଇପାରେ । ମାତ୍ର ସେଥିରେ ଥାଏ ଜଗତ ଓ ଜୀବନ ସମ୍ପର୍କିତ ଚିନ୍ତା, ଚେତନା ଓ ଭାବନାର ସମନ୍ୱିତ ପରିପ୍ରକାଶ । ଅନୁଭୂତି ଓ ଅଭିଜ୍ଞତାକୁ ଭାବନା, କଳ୍ପନା ଓ ଆବେଗର ସମନ୍ୱୟରେ ପ୍ରକାଶ କରେ ସାହିତ୍ୟ । ତା'ର ମାଧ୍ୟମ ହୁଏ କବିତା, ନାଟକ, ଗଳ୍ପ, ପ୍ରବନ୍ଧ ଭଳି କୌଣସି ଗୋଟିଏ ଆଙ୍ଗିକ । ଅବଶ୍ୟ ପ୍ରାଚୀନ ଆଳଙ୍କାରିକମାନେ ସାହିତ୍ୟ ପାଇଁ ଇତିହାସ ବା ଭୂଗୋଳ ଶବ୍ଦ ବ୍ୟବହାର କରିବାର ଦୃଷ୍ଟାନ୍ତ ମଧ୍ୟ ଅଛି । କିନ୍ତୁ ସାହିତ୍ୟର ମୂଳ ଭାବଟି 'ସହିତସ୍ୟ' ଭାବ ସମ୍ପର୍କିତ । ଏହି 'ସହିତ' ସହ ସଂପୃକ୍ତି ପ୍ରସଙ୍ଗ ଆସେ । ଏ ସଂପୃକ୍ତି ହୁଏତ ବ୍ୟକ୍ତିକୁ ସମାଜ ସହିତ ଯୋଡ଼ିବାରେ ସାହାଯ୍ୟ କରେ ।

ସମୟ ଥିଲା ରାଜଦରବାରରେ କବି ଓ ପଣ୍ଡିତମାନେ ମଧ୍ୟ ସେମାନଙ୍କ ନିଜ ନିଜ ଅଞ୍ଚଳର ରାଜବଂଶର ଇତିବୃତ୍ତକୁ କାବ୍ୟ ଆକାରରେ ଲିପିବଦ୍ଧ କରୁଥିଲେ । ଏବେ ହୁଏତ ସେଇଗୁଡ଼ିକ ଆମ ପାଇଁ ଇତିହାସର ପୁଞ୍ଜି ହୋଇ ରହିଛନ୍ତି । କିନ୍ତୁ ଟିକିଏ ନିରେଖି ଦେଖିଲେ ସେଇ ଇତିହାସଗୁଡ଼ିକ ରାଜଦରବାରର ଆର୍ଥିକ ଅନୁଦାନ ବଳରେ ନିଜ ମତରେ ଇତିହାସକୁ ପ୍ରତିଷ୍ଠା ଦେବାର ପ୍ରଚେଷ୍ଟା ଭଳି ଦିଶେ । ରାଜା ଦିଅନ୍ତି ପାଉଣା । ଦରିଦ୍ର କବି ବା ଲିପିକାରଟି ସେହି ପାଉଣାରେ ଜୀବନ ଅତିବାହିତ କରୁଥାଏ । ଏଣେ ରାଜାଙ୍କ ବିପକ୍ଷରେ କିଛି ଲେଖିଦେଲେ ଶିରଚ୍ଛେଦ ହେବାର ଭୟଟିଏ ମନ ଭିତରେ ଖଣ୍ଡାହେଇ ଝୁଲୁଥାଏ । ସେଠି ସତ ଆସିବ କୋଉଠୁ ! ରକ୍ତର ହୋଲିଖେଳ ପରେ ବି ଅଶୋକ ପାଲଟି ଗଲେ 'ଦେବାନାଂ ପ୍ରିୟଦର୍ଶୀ' । ଇତିହାସ ଲେଖିଲା ଏ କଥା ନା ଲେଖେଇ ନେଲେ ଅଶୋକ !

ସେଇଥିପାଇଁ ଅଭିଯୋଗ ଉଠେ, ଲିଖିତ ଇତିହାସ ସବୁବେଳେ ବିଜେତାର । ଯିଏ ଜିତେ ସିଏ ହିଁ ତା'ର ପ୍ରଭାବ, ପ୍ରତିଷ୍ଠା ଓ ଶକ୍ତି ବଳରେ ଲେଖେଇ ନେଇପାରେ ନିଜକୁ ବା ନିଜ ମୁତାବକ ଇତିହାସକୁ । ସେ ଚାହେଁ ତା'ଠାରୁ ଶ୍ରେଷ୍ଠ କେହି ନଥିଲେ ଓ ସେ ହିଁ ଏକମାତ୍ର ଶ୍ରେଷ୍ଠ ବୋଲି ପ୍ରମାଣ କରିବାକୁ । ଇତିହାସ କ'ଣ ଅହଂକାରର ପ୍ରତିଷ୍ଠା ! ଇତିହାସ କ'ଣ ବ୍ୟକ୍ତିର ନିଜସ୍ୱ ମର୍ଯ୍ୟାଦାର ପ୍ରତିରୋପଣ କେବଳ ! ଇତିହାସ ଯଦି ସତ୍ୟ ତେବେ ପରାଜିତର ଇତିହାସକୁ ବି ଭୁଲିଗଲେ ଚଳିବ ନାହିଁ । ବିଜେତା ପାଖରେ କ୍ଷମତା, ତା' ପାଖରେ ଦରବାର, ତା' ପାଖରେ ଅର୍ଥ ।

ପରାଜିତ ହୁଏତ ଲୁଚିଛି କେଉଁ ବଣଜଙ୍ଗଲ ଭିତରେ । ଦଳିତ ଓ ଶୋଷିତବର୍ଗ ହୁଏତ ନିଷ୍ପେସିତ ଖାଦ୍ୟ-ବସ୍ତ୍ର-ବାସଗୃହର ତ୍ରିକୋଣୀୟ ଅଭାବ ଭିତରେ । ସେତେବେଳେ କାଗଜ ବି ଆମ ପ୍ରୟୋଗର ପରିସରଭୁକ୍ତ ନୁହେଁ । କିଏ ଲେଖିବ ଇତିହାସ ସେମାନଙ୍କର !

ସାହିତ୍ୟ ତେଣୁ ନିରୋଳା ଇତିହାସରେ ବିଶ୍ୱାସ କରେ ନାହିଁ । ସତ୍ୟ ବୋଲି ଦିଶୁଥିବା ଦୃଶ୍ୟଟିର ଅନ୍ତରାଳକୁ ଯାଇ ନୂଆ ସତ୍ୟର ଆବିଷ୍କାର କରିବାରେ ବିଶ୍ୱାସ କରେ । ସତ୍ୟର ପାଖାପାଖି ଆକାଶରେ ଉଡ଼ି ବୁଲୁଥିବା ସମ୍ଭାବ୍ୟ ସତ୍ୟମାନଙ୍କ ପଛରେ ସାହିତ୍ୟ ଦଉଡ଼େ । କେତେବେଳେ ଇତିହାସର ଯେଉଁ ଯାଏ ଖୋଳି ଖୋଳି ଐତିହାସିକମାନେ ଥକିଯାଇ ଇତିହାସ ସେଇଠି ସରିଗଲା ବୋଲି ଭାବିଥାନ୍ତି, ସାହିତ୍ୟିକ ସେଇଠି ତା'ର କଳ୍ପନା ଓ ଅନୁମାନ ଜରିଆରେ ଆଉ କେଇ ଫୁଟ ମାଟିତଳକୁ ଖୋଳି ଦେଇପାରେ । ସାହିତ୍ୟର ମୂଳ ଉଦ୍ଦେଶ୍ୟ ଇତିହାସ ଭଳି ତଥ୍ୟର ସଂଯୋଜନ କେବଳ ନୁହେଁ ବରଂ ତଥ୍ୟର ଜୀବନାୟନ ।

ସାହିତ୍ୟରେ ଇତିହାସ ସମନ୍ୱିତ ପ୍ରୟୋଗରେ ଅସୁବିଧା କିଛି ନାହିଁ । ଇତିହାସରେ ସାହିତ୍ୟ ପଶିଗଲେ କଥା ସରିଲା । ଇତିହାସ ଯଦି ଆବେଗ ନିର୍ଭର ହେଲା, ଇତିହାସ ଯଦି ମୋହ ଓ ପ୍ରତିଷ୍ଠା ପଛରେ ଧାଇଁଲା, ଇତିହାସ ଯଦି ସତଠୁ ଦୂରେଇ ଯାଇ ହଟଚମଟ ଓ ଚମକ ଖେଳେଇବାକୁ ଚାହିଁଲା- ତା'ହେଲେବି କଥା ସରିଲା । ସେଇଥିପାଇଁ ତ ଏଯାଏଁ ବି ଗୋଟିଏ ଇତିହାସକୁ ନେଇ ମଣିଷ ସନ୍ତୁଷ୍ଟ ହୁଏନି । ସେ ପୁଣିଥରେ ପ୍ରକୃତ ଇତିହାସ ଖୋଜିବାକୁ ବାହାରେ । ଅବଶ୍ୟ ନୂଆନୂଆ ଇତିହାସମାନେ ବିଭିନ୍ନ ବାଗରେ, ବିଭିନ୍ନ କାଇଦାରେ ଆସି ତା' ଆଗରେ ଉଭା ହୋଇଛନ୍ତି । ଚମକ ସୃଷ୍ଟି କରିଛନ୍ତି । ତାକୁ ଝଲସେଇ ଦିଅନ୍ତି । କେଉଁଠି କେଉଁଠି ତାକୁ ତଟସ୍ଥ ହେଇ ଠିଆ ହେବାକୁ ବାଧ୍ୟ କରିଛନ୍ତି । କିନ୍ତୁ କିଛି କାଳର ହଟଚମଟ ପରେ ମଣିଷ ହୁଏତ ବୁଝିଛି ଯେ, ଏ ଇତିହାସ ବି ପ୍ରକୃତ ଇତିହାସ ନୁହେଁ । ତା'ର ଖୋଜିବା ପୁଣି ଜାରି ରହିଛି । ଇତିହାସର ସେଇ ସୁଡ଼ଙ୍ଗ ଭିତରେ ସେ ଚାଲିଛି ଆଉ ଚାଲିଛି । ସୁଡ଼ଙ୍ଗ ଶେଷରେ ହୁଏତ ମିଳିବ ସମ୍ଭାବନାର ଟୋପାଏ ଆଲୁଅର ସୂର୍ଯ୍ୟୋଦୟ । ସେ ଦିନ ଆସିନି । ଇତିହାସ ଖୋଜାଲୋଡ଼ାର ପ୍ରସଙ୍ଗ ସମସ୍ତଙ୍କୁ ସନ୍ତୁଷ୍ଟ କରି ଗୋଟିଏ ସତ୍ୟ ପାଖରେ ପହଞ୍ଚି ପାରି ନାହିଁ । ଇତିହାସ ପାଇଁ ସତ୍ୟ ଗୋଟିଏ ହେବାର ଆବଶ୍ୟକତା ଅଛି । ସତ ଯଦି ଡାଳ ମେଲାଏ, ସତ ଗଛରେ ଯଦି ଫୁଲ ଫୁଟେ, କଳ୍ପନା ଉଏଁ, ଫଳ ହୁଏ- ତେବେବି କଥା ସରିଲା । ଇତିହାସ ନୀରବ-ନିର୍ଲିପ୍ତ-ନିରପେକ୍ଷ ଓ ଇତିହାସ ପ୍ରତିକ୍ରିୟା ଶୂନ୍ୟ ହୋଇ ରହିବାର ଆବଶ୍ୟକତା ଅଛି ।

ଇତିହାସ ଗୋଟିଏ ଲିଖିତ ସ୍ୱରୂପ । ଲିପି ମାଧ୍ୟମରେ ଅତୀତର ଅଭିବ୍ୟକ୍ତିର ପ୍ରକାଶକୁ ଇତିହାସ କହୁ ଆମେ । ମାତ୍ର ପୃଥିବୀରେ ସବୁ ଅଞ୍ଚଳରେ ଲିପିର ବିକାଶ ଗୋଟିଏ ସମୟରେ ହୋଇନାହିଁ । ତେଣୁ ଭିନ୍ନ ଭିନ୍ନ ଅଞ୍ଚଳର ଇତିହାସ ଲିଖନର କାଳ ମଧ୍ୟ ଭିନ୍ନ ଭିନ୍ନ । ଲିପି ଉଦ୍ଭାବନର ପୂର୍ବବର୍ତ୍ତୀ ସମୟକୁ ଆମେ କହୁ ପ୍ରାକ୍-ଐତିହାସିକ ଯୁଗ । ସେ ଇତିହାସ ଖୋଜିବାକୁ ଯାଇ ଆମେ ହୁଏତ ମାଟି, ପଥରର ମୂର୍ତ୍ତି, ଚିତ୍ରମାନଙ୍କୁ ପରଖୁ । କିନ୍ତୁ ତା'ର ଲିଖିତ ସ୍ୱରୂପଟିଏ ପାଉନା । ଲିଖିତ ଇତିହାସର ଅଭାବ ବୋଧ ଯୋଗୁଁ ଯେଉଁ ସମୟ ଲୁଚିଯାଇଛି ଆମ ହାତ ପାଆନ୍ତାରୁ, ସେଠାକୁ ମଧ୍ୟ ଗତି କରିପାରେ ସାହିତ୍ୟ । ଇତିହାସ ସାହିତ୍ୟର ଉପାଦାନ ଗୁଡ଼ିକ ଉପରେ ବିଶେଷତଃ ବେଦ, ବ୍ରାହ୍ମଣ ଉପନିଷଦ ଭଳି ସଂରଚନାଗୁଡ଼ିକ ଉପରେ ମଧ୍ୟ ନିର୍ଭର କରିପାରେ । ସେଥିରୁ ଭାଷାତାତ୍ତ୍ୱିକ ବିଶ୍ଳେଷଣ ଆଡ଼କୁ ଯାଏ । ଭାଷାତାତ୍ତ୍ୱିକ ପ୍ରମାଣ ଉପରେ ମତବ୍ୟକ୍ତ କରିବାକୁ ହେଲେ ଭାଷାଭିତ୍ତିକ ଅବବୋଧର ସ୍ପଷ୍ଟତା ରହିବା ମଧ୍ୟ ଜରୁରୀ । ଏଇ ଯେମିତି ଭାରତୀୟ ଆର୍ଯ୍ୟଭାଷା ଗୁଡ଼ିକର ଅବବୋଧ ପାଇଁ ବାକ୍ୟ ବିଜ୍ଞାନ, ପଦ ବିଜ୍ଞାନ, ଧ୍ୱନିତତ୍ତ୍ୱ, ଶବ୍ଦ ଭଣ୍ଡାର, ଭାଷା ପରିବର୍ତ୍ତନର ଧାରା ସମ୍ପର୍କରେ ସ୍ପଷ୍ଟତା ନ ରହିଲେ ସେଇ ସମୟର ଇତିହାସ ଲେଖିବା ଅତ୍ୟନ୍ତ କଷ୍ଟକର । ସେଥିପାଇଁ ତ ସାମ୍ପ୍ରତିକ ସମୟରେ ଐତିହାସିକ ଭାଷାବିଜ୍ଞାନର ଗୁରୁତ୍ୱ ମଧ୍ୟ ବଢ଼ିବଢ଼ି ଚାଲିଛି । ମନେରଖିବାକୁ ହେବ ଐତିହାସିକ ଭାଷାବିଜ୍ଞାନ ସହିତ ମଧ୍ୟ ଜଡ଼ିତ ସମାଜବିଜ୍ଞାନ ଓ ପ୍ରତ୍ନତତ୍ତ୍ୱ ପରି ସୂକ୍ଷ୍ମ ବିଚାରବୋଧ । ଇତିହାସ ଜୀବନଠାରୁ ସମ୍ପୂର୍ଣ୍ଣ ଅଲଗା ନୁହେଁ । ଇତିହାସର ପରିସର ମଧ୍ୟ ବ୍ୟାପକ । ସମାଜ, ଅର୍ଥନୀତି, ଗଣିତ, ବିଜ୍ଞାନ, ଭୂଗୋଳ, ସଂସ୍କୃତି, ପରମ୍ପରା ସବୁକିଛି ଇତିହାସର ପରିସରଭୁକ୍ତ ହୋଇପାରେ । ମାତ୍ର ଇତିହାସ ରୂପାନ୍ତରିତ ହେଇଯିବ ଯଦି ପୁରାଣରେ-ତେବେ ବଡ଼ ଅସୁବିଧା ।

ଇତିହାସର ଖିଅକୁ ଧରି ଆଗକୁ ବଢ଼ନ୍ତି କିମ୍ବଦନ୍ତୀ ଓ ଜନଶ୍ରୁତିମାନେ । ଏମାନେ ଅନେକତ୍ର ସାହିତ୍ୟର ପରିଧିଭୁକ୍ତ । ଆମେ ଇତିହାସରୁ ସୂତାଟିଏ ଆଣିଲେ ସିନା ଗଢ଼ିଦେଲେ ନିଜ ଚାରିପଟେ କଳ୍ପନା ସମନ୍ୱିତ କାହାଣୀଟିଏ । ସେମାନେ କିନ୍ତୁ ମୂଲ୍ୟହୀନ ନୁହଁନ୍ତି ଆଦୌ । ଇତିହାସର ପ୍ରଭାବଟିକୁ ସେମାନେ ଆଜିଯାଏ ଧରି ରଖିଛନ୍ତି ନିଜ ଭିତରେ । ଏତିକି ତାଙ୍କର ସାର୍ଥକତା ।

କିନ୍ତୁ ତାକୁ ଇତିହାସ ବୋଲି କହିବାରେ ଅସୁବିଧା ଅଛି । ସେଇ ତୁଣ୍ଡରୁ ତୁଣ୍ଡକୁ ବ୍ୟାପି ଯିବା ଭିତରେ, ଜନଶ୍ରୁତିରେ ରୂପାନ୍ତରିତ ହେବା ଭିତରେ ସେମାନେ ଦେଖିଛନ୍ତି ଅନେକ ପରିବର୍ତ୍ତନ । ସେମାନେ ଯେଉଁ ବାଟରେ ଯାଇଛନ୍ତି ସେ ବାଟରେ ଅନେକ ଗଳି-ଉପଗଳି । କିନ୍ତୁ ମନେ ରଖିବାକୁ ହେବ ଇତିହାସ ସ୍ଥିର, ତାହା ବଦଳେ ନାହିଁ । କିମ୍ବଦନ୍ତୀ ଓ ଜନଶ୍ରୁତିମାନଙ୍କୁ ବଦଳି ଯାଇଥିବା ଇତିହାସର ଖିଅ କୁହାଯାଇପାରେ ସମ୍ଭବତଃ । ସେଠି ଇତିହାସ ନାହିଁ, ଅଛି କେବଳ ଇତିହାସର ଛାଇ ।

ଚମକ ଦେଖାଇବା ଐତିହାସିକମାନଙ୍କର କାମ ନୁହେଁ । ସମାଜରେ ସେ କାମ ପାଇଁ ଅନେକ ଲୋକ ଅଛନ୍ତି । ମାତ୍ର ବେଳେବେଳେ ଐତିହାସିକମାନେ ଲେଖୁ ଲେଖୁ କ'ଣ କିଛି ନୂଆ ଲେଖି ଇତିହାସକୁ ଚମକେଇବା ପାଇଁ ଚାହାନ୍ତି । ସାହିତ୍ୟରେ ଚମକ ସ୍ୱାଗତ ଯୋଗ୍ୟ ଓ ନୂତନତା ଦିଏ । କିନ୍ତୁ ଇତିହାସ ଅପେକ୍ଷାକୃତ ସ୍ଥିର ଓ ନିଶ୍ଚଳ । ସେ ମଧ୍ୟ ଚମକେଇବାର ସାମର୍ଥ୍ୟ ରଖେ, କିନ୍ତୁ ଚମକେଇବା ତାର ମୂଳ ଉଦ୍ଦେଶ୍ୟ ନୁହେଁ ।

ଇତିହାସ ଓ ରୋମାନ୍ସ ଭିତରେ ଥିବା ପାର୍ଥକ୍ୟକୁ ବୁଝିବା-ବୁଝେଇବାର ପ୍ରକ୍ରିୟାଟି ମଧ୍ୟ ଶିଥିଳ ଆମର । ଇତିହାସର ନବୀକରଣ ଓ କଳ୍ପନା ସମନ୍ୱିତ ଅନ୍ତରାଳ ସ୍ୱାଗତ ଯୋଗ୍ୟ, ଇତିହାସ ପାଇଁ କିନ୍ତୁ ସେଇଠି ବେଶୀ ଡର । ଏ ଦିଓଟିର ଆବଶ୍ୟକତା ଅଛି କିନ୍ତୁ ସାହିତ୍ୟରେ । ଇତିହାସର ଭିତ୍ତିଟି ଦୃଢ଼ ଥିଲେ, ସାହିତ୍ୟର ପ୍ରୟାସ ବାରିହେଇ ପଡ଼ିବ । ଆମର କିମ୍ବଦନ୍ତୀ-ଜନଶ୍ରୁତିଗୁଡ଼ିକର ଯଥାଯଥ ସଂକଳନଟିଏର ଅପେକ୍ଷା ଏବେବି ଅଛି । ନିୟମିତ ବ୍ୟବଧାନରେ ଗୋଟିଏ ସଙ୍କଳନ ନହେଲେ ହଜିଯିବ ଅନେକ ଉପାଦାନ ପୃଥିବୀରୁ ।

ଅନେକ ସମୟରେ ଇତିହାସକୁ ନେଇ ଐତିହାସିକମାନେ ନିଜସ୍ୱ ବିଚାର ଓ ବିଶ୍ୱାସର ପ୍ରତିଷ୍ଠା କରିବାକୁ ଚାହାନ୍ତି । ନିଜକଥା କୁହାଇ ନେବା ପାଇଁ ଯେତିକି ଆବଶ୍ୟକ, କୁହନ୍ତି ସେତିକି ମାତ୍ର । ସେଥିରୁ ସନ-ବାର-ତାରିଖ ଲିଭେଇ ତାକୁ ଇତିହାସର ଆରପାଖ କି ଫିକ୍ସନ୍ କହିଦେଲେ କିଛି କହିବାର ନାହିଁ । ଇତିହାସର ଆକାଶୀ ରହସ୍ୟ ଓ ପାତାଳୀଗୁମର ଏବେ ବି ଅନେକ ସାହତ୍ୟିକ ସମ୍ଭାବନାର ପ୍ରାଚୁର୍ଯ୍ୟରେ ଭର୍ତ୍ତି । କିନ୍ତୁ "ନୀଳଶୈଳ'ର ଝାଉଁବଣ ଓ 'ଯାଜ୍ଞସେନୀ'ର ନୀଳ ଗୋଲାପର ଇତିହାସ ଭିତ୍ତିକ ସ୍ୱୀକୃତିକୁ ଆମର ଡର ।

ଜଣେ କିଏ କାନ୍ତିଚନ୍ଦ୍ର ନ ଆସିଲା ଯାଏଁ ଆମେ ଆମର ଭାଷା ଓ ଅସ୍ମିତା ସମ୍ପର୍କରେ ଯଦି ଅଜ୍ଞ, ତାହା କଣ ଆମର ଇତିହାସବୋଧର ଅଭାବକୁ ଜଣେଇ ଦେଉନି କି ! ଜଣେ କିଏ ଭାଷା, ଚର୍ଯ୍ୟା, କୋଣାର୍କ, ଜୟଦେବକୁ ତାଙ୍କର କହିଲେ ଯାଇ ଆମର ଗବେଷଣା ଆରମ୍ଭ ହୁଏ । ସେତକ ପାଇଁ ବି ହାତଗଣତି ଲୋକ । ଏ ଭୂଇଁରେ ଖାଦ୍ୟ, ପୋଷାକ କି ଅବସରର ଇତିହାସ କଥା ଉଠୁଚି କୋଉଠୁ !! ରସଗୋଲା ଯେ ଗବେଷଣାର ପ୍ରସଙ୍ଗ ହେଇପାରେ, ଏ କଥାର ପ୍ରମାଣ ଏବେ ମିଳିଲା । ସେମିତି ଅନେକ ପ୍ରସଙ୍ଗ ଏବେ ବି ରହିଚି, ମାତ୍ର ଆମ ଇତିହାସ ଗବେଷଣା ସଂସ୍କୃତିର ପିଣ୍ଡଟିକୁ ଖୋଜିବା ଜରୁରୀ ବୋଲି ଭାବେନି । ପୁନଶ୍ଚ ଆମର ପ୍ରଧାନ ଅସୁବିଧା ଯେ ଆମେ ଯେତେ ଗବେଷଣା ଓ ଶ୍ରମ ଅନ୍ୟର ତ୍ରୁଟି ସୁଧାରିବାରେ ଖର୍ଚ୍ଚ କରୁ, ତା'ର ଅଧା ବି ଇତିହାସ ଖୋଜିବାରେ ଦଉନା । ଲେଖିବା ଅପେକ୍ଷା ଯବକାଚିଆଚଷମା ଧରି ଅବଧାନ ପାଲଟିବା ଅପେକ୍ଷାକୃତ ସହଜ । ଆମ ତଥାକଥିତ ବୁଦ୍ଧିଜୀବୀତ୍ୱର ଅନ୍ୟ ଏକ ପ୍ରଧାନ ଲକ୍ଷଣ (ଓ ଅନ୍ତରାୟ) ହେଉଚି ବିରୋଧାଚରଣ । ନିଜ ଭିନ୍ନତ୍ୱର ପ୍ରତିପାଦନ ଓ ହଟଚମଟ ନିମିତ୍ତ ଯଦି କେବଳ ଇତିହାସ ଉଦ୍ଦିଷ୍ଟ, ତେବେ ଲକ୍ଷ୍ୟ ବହୁ ଦୂର । ପୁନଶ୍ଚ 'ଇତିହାସ ଖୋଜିବା ଓ ଲେଖିବା' ଓ 'ଇତିହାସ ତିଆରିବା' ଦୁଇଟି ଭିନ୍ନ କଥା । ପ୍ରଥମଟିରେ ସତ୍ୟକୁ ସ୍ୱୀକାର କରିବାର ସ୍ପର୍ଦ୍ଧା ଥାଏ ତ ଅପରଟିରେ ଥାଏ ଇତିହାସକୁ ନିଜ ସୁବିଧା ମୁତାବକ ବାଟରେ ଅଢ଼େଇ ନେବାର ପ୍ରଚେଷ୍ଟା ।

ଇତିହାସ ଓ ସାହିତ୍ୟ-ଉଭୟରେ ଶେଷ ବୋଲି କିଛି ନାହିଁ । ଇତିହାସ ଏକ ନିରନ୍ତର ଲିଖନ ପ୍ରକ୍ରିୟା । ଯେ ପର୍ଯ୍ୟନ୍ତ ଅତୀତକୁ ନେଇ ପ୍ରଶ୍ନଟିଏ ଅଛି, ସେ ପର୍ଯ୍ୟନ୍ତ ଇତିହାସକୁ ଖୋଜିବାର ଅନ୍ୱେଷା ଓ ଆବଶ୍ୟକତା ଅଛି । ଯେ ପର୍ଯ୍ୟନ୍ତ ଆସୁଛି ନୂଆନୂଆ ଜିଜ୍ଞାସା, ନୂଆନୂଆ ପ୍ରଶ୍ନ-ସେ ପର୍ଯ୍ୟନ୍ତ ଇତିହାସମୁଖୀ ଅବବୋଧଟିଏ ବଞ୍ଚିରହିଛି ଆମ ଭିତରେ । ଲିଖିତ ବା ଲେଖାଯାଇଥିବା ଇତିହାସ ଯେ ଶହେ ପ୍ରତିଶତ ସତ ଏକଥା ଛାତିରେ ହାତ ଦେଇ କହିପାରିବେନି କେହି । ନୂଆ ଇତିହାସ ଲେଖା ହେଉଥିବ, ପୁରୁଣା ଇତିହାସର ପାଚେରୀ ଭାଙ୍ଗି ପଡୁଥିବ, ଅଲିଖିତ ଇତିହାସ ଭିତରୁ ମଧ୍ୟ ଲିଖିତ ଇତିହାସକୁ ଉପହାସ କରି ସତ୍ୟତାର ଚେହେରା ଉକୁଟି ଉଠୁଥିବ, ଇତିହାସର ଖୋଜାଲୋଡ଼ା ଚାଲିଥିବ ଏବଂ ଇତିହାସର ଅନ୍ତରାଳକୁ, ଇତିହାସର ଶୂନ୍ୟତାକୁ ବାରମ୍ବାର

ଖୋଜିବାର ଚେଷ୍ଟାରେ ଲାଗିଥିବ ସାହିତ୍ୟ । ଏ ଖୋଜାଲୋଡ଼ା ଗୋଟିଏ ବିସ୍ତୃତ ଜିଜ୍ଞାସାବୋଧର ଅଂଶବିଶେଷ । ପ୍ରାକ୍-ଐତିହାସିକ କାଳକୁ ଲିପିବଦ୍ଧ କଲାବେଳେ ଯୁକ୍ତି ପର୍ଯ୍ୟବେସିତ ଅନୁମାନ ଯେପରି ଐତିହାସିକର ଧ୍ୟେୟ, ସେହିପରି ଇତିହାସ ସମ୍ବନ୍ଧିତ କୌଣସି ପ୍ରସଙ୍ଗକୁ ଉପସ୍ଥାପନ କଲାବେଳେ ଇତିହାସବୋଧଭିତ୍ତିକ ଆସ୍ଥା ସ୍ଥାପନକାରୀ କଳ୍ପନାର ସନ୍ତୁଳନ ରକ୍ଷା କରିବା ମଧ୍ୟ ସାହିତ୍ୟିକର ଦାୟ ।

ଇତିହାସ ହେଉ ବା ସାହିତ୍ୟ-ଲେଖକ ଯଦି ବିଚାରକ ଓ ଭାଗ୍ୟ ନିୟନ୍ତା ହେଇଯାଏ ତେବେ ଅନେକ ଭୟ । ଲେଖକ ଯଦି ଭାବପ୍ରବଣତାର ବଳୟଭୁକ୍ତ ହୋଇଯାଏ ତେବେ ବିଭୟ ଆଉ ଭୟ । ଇତିହାସ ତ ସମ୍ପୂର୍ଣ୍ଣ ଅନାସକ୍ତ, ସେଠି ଅତୀତକୁ ନେଇ ଆସ୍ଫାଳନ ନାହିଁ କି ଲଜ୍ଜାବୋଧ ନାହିଁ, ରହିବା ଉଚିତ ମଧ୍ୟ ନୁହେଁ । ସାହିତ୍ୟିକ ମଧ୍ୟ ବେଳେବେଳେ ଐତିହାସିକ ଉପାଦାନ ସମ୍ବଳିତ ଲେଖାଟିଏ ଭଳି କାହିଁକି ଚେଷ୍ଟାକୃତ ଭାବରେ ଜାତୀୟତାବୋଧ, ଜାତିପ୍ରାଣତାର ମଞ୍ଜି ପୋତିବା ପାଇଁ ଚେଷ୍ଟା କରେ କେଜାଣି ! ଇତିହାସକୁ ନେଇ ଖୋଜାଲୋଡ଼ା ଯେତେବେଳେ, ଇତିହାସକୁ ଅକ୍ଷୁର୍ଣ୍ଣ ରଖିବାର ଦାୟିତ୍ୱ ଓ ଦାୟବଦ୍ଧତା ମଧ୍ୟ ଲେଖକର ନିଶ୍ଚୟ । ଇତିହାସ ପାଇଁ ସତ୍ୟର ଅନ୍ୱେଷା ଓ ସତ୍ୟସନ୍ଧାନୀ ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଇତିହାସ ପାଇଁ ରାଷ୍ଟ୍ର ଓ ବିଶ୍ୱର ଇତିହାସ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସାହିତ୍ୟିକ କିନ୍ତୁ ଅଧିକାଂଶ ସମୟରେ ଉପାଦାନ ଖୋଜେ ଆଞ୍ଚଳିକ ଇତିହାସରୁ । ଏ ଆଞ୍ଚଳିକ ଇତିହାସକୁ ରାଷ୍ଟ୍ର ଓ ବିଶ୍ୱର ଇତିହାସ ସହିତ ଯୋଡ଼ିବାର ଆବଶ୍ୟକତା ମଧ୍ୟ ଅଛି । ସମ୍ପର୍କର ସୂତାଖିଅଟିଏ ଧରି ଅଞ୍ଚଳ, ରାଷ୍ଟ୍ର ଓ ବିଶ୍ୱ ଭିତରର ସମନ୍ୱୟ ସ୍ଥାପନ କରି ନହେଲା ଯଦି ତାହେଲେ କାହିଁକି ବା ଇତିହାସ ଲେଖା, କାହିଁକି ବା ସାହିତ୍ୟର ଇତିହାସଭିତ୍ତିକ ସମନ୍ୱୟ !

ନିଜର ପ୍ରଚାର କରିବା, ଅହଂର ପ୍ରତିଷ୍ଠା କରିବା, ମିଥ୍ୟା ଉପାଦାନ ଗୁଡ଼ିଏ ସଂଗ୍ରହ କରିବା କଳ୍ପନାର ସାହାଯ୍ୟ ନେଇ, ନିଜର ବଡ଼ିମା ପ୍ରମାଣ କରିବା ଇତିହାସ ଓ ଇତିହାସଧର୍ମୀ ସାହିତ୍ୟର ଲକ୍ଷ୍ୟ ଆଦୌ ନହେଉ । ସାହିତ୍ୟରେ ରୋମାନ୍ସ କଥା ଆସିଲେ ହୁଏତ ଇତିହାସ ଓ କଳ୍ପନାର ସମନ୍ୱୟ କଥା ଉଠେ । ଓଡ଼ିଆ ସାହିତ୍ୟରେ ଅନେକ ରୋମାନ୍ସଧର୍ମୀ ସଂରଚନା ମଧ୍ୟ ଆମେ ଦେଖିବାକୁ ପାଉ, ଯେଉଁଠି ଇତିହାସ ସହିତ କାଳ୍ପନିକତାର ମଧୁର ସମନ୍ୱୟର ସଂଯୋଗ ହୋଇଛି । ମାତ୍ର ମନେ ରଖିବାକୁ ହେବ ଏ କାଳ୍ପନିକତା ଇତିହାସ ଜନିତ ଭ୍ରାନ୍ତି ନ ତିଆରେ ଯେମିତି ।

ବାରବାଟୀ ଦୁର୍ଗର ପଥରରେ ତିଆରି ହେଇଥିଲା ରାସ୍ତାଟିଏ ବୋଲି, ନାଁ ତାର ଷ୍ଟୋନିରୋଡ୍ । ଉଦ୍ଦେଶ୍ୟ ଥିଲା ଏ ଜାତିର ଐତିହ୍ୟକୁ ମାଟିରେ ମିଶେଇ ଦିଆଯାଉ ଓ ତା ଉପରେ ଔପନିବେଶକବାଦର ଚଲାବାଟଟିଏ ତିଆରି ହଉ । ସେମିତି ଇଟା-ପଥରକୁ ନେଇ ମନ୍ଦିର-ମସଜିଦ୍ ବିଭାଗୀକରଣ କଥା କୁହାଯାଏ । ସବୁ ପରେ ବି ଭୋକ ସହ ଇତିହାସଟିଏ ଥାଏ, ଜୀବନ ସହ ବି । ଆମେ ସମସ୍ତେ ନିଜ ନିଜ ଚେଷ୍ଟାରେ ଚାଲନ୍ତୁ ଆଉଥରେ ପଛ ଫେରାହେବା । ପଛରୁ କିଛିବାଟ ଦଉଡ଼ି ଆସିଲେ ହିଁ ଆଗକୁ ଡେଇଁବାକୁ ଅଧିକ ଶକ୍ତି ମିଳିବ ସିନା !

ଓଡ଼ିଆ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ-୩

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

# ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ